# ଗଣମାଧ୍ୟମ ପ୍ରତିନିଧି, ପୋଲିସକୁ ମାଡ଼

- ୪ ଗଣମାଧ୍ୟମ ପ୍ରତିନିଧି, ୨ ପୋଲିସ କର୍ମଚାରୀ ଆହତ
- ଭୋଟ ବାକ୍ସ ଫୋପଡ଼ା ଓ ରିଗିଂ ଯୋଗୁ ୮ ବୁଥ୍‌ରେ ମତଦାନ ସ୍ଥଗିତ

**ସିଂହପୁର/ବିଞ୍ଝାରପୁର,୨୦ା୨(ଡି.ଏନ.ଏ.)**



ବାଛୋଳ ପଞ୍ଚାୟତ ବାମଦେବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ନଂ. ବୁଥ୍ ନିକଟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଲୋକେ ଆକ୍ରମଣ କରୁଛନ୍ତି।

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ରବିବାର ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ବ୍ଲକ ଅଧୀନ ବାଛୋଳ ପଞ୍ଚାୟତ ବାମଦେବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ନଂ. ବୁଥ୍‌ରେ ମତଦାନବେଳେ ରିଗିଂ ହେଉଥିଲା। ଏହା ଜାଣି ଘଟଣାସ୍ଥଳକୁ ଖବର ସଂଗ୍ରହ କରିବାକୁ ଯାଇଥିବା ଅର୍ଗସ ଟିଭିର ବିଞ୍ଝାରପୁର ପ୍ରତିନିଧି ଗୁଲସାହାନୱାଜ ଅଲ୍ଲି ଖାନ, କନକ ଟିଭିର ଯାଜପୁର ପ୍ରତିନିଧି ବିଜୟ ସାହୁ, କଳିଙ୍ଗ ଟିଭିର ଯାଜପୁର ପ୍ରତିନିଧି ଦେବାଶିଷ ସାହୁ ଏବଂ ଓଡ଼ିଶା ସମ୍ବାଦର ପ୍ରତିନିଧି ହିମାଂଶୁ ପାଢ଼ୀ ପ୍ରମୁଖଙ୍କୁ ସ୍ଥାନୀୟ କେତେଜଣ ଅସାମାଜିକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁଲସାହାନୱାଜ ଅଲ୍ଲି ଖାନଙ୍କୁ ଅତି ନିର୍ମମ ଭାବେ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏଥିସହିତ ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ମାରୁତି ୱାଗନର ଗାଡ଼ିକୁ ଦୁର୍ବୃତ୍ତ ଭାଙ୍ଗାରୁଜା କରିବା ସହିତ ସୁନାଚେନ ଓ ମୋବାଇଲ ଫୋନ ଛଡ଼ାଇ ନେଇଛନ୍ତି।

ଆହତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୋଲିସ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ବିଞ୍ଝାରପୁର ଥାନାରେ ଅଭିଯୋଗ କରାଯାଇଛି। ଘଟଣା ପରେ ବାଛୋଳ ୨ ନଂ. ୱାର୍ଡ ପୁରୁଷ ଶୂନ୍ୟ ହୋଇପଡ଼ିଛି। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଏଭଳି ଅମାନୁସିକ ଆକ୍ରମଣକୁ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ସଭାପତି ଆଦିତ୍ୟ ମେକାପ, ସାଧାରଣ ସମ୍ପାଦକ ଦେବପ୍ରସାଦ ସାହୁ ଦୃଢ଼ ନିନ୍ଦା କରିଛନ୍ତି।

ସେହିପରି ଉକ୍ତ ବ୍ଲକ ଅଧୀନ ଜରି ପଞ୍ଚାୟତର ପାକୁଆ ସାହିଠାରେ ୧୩ ଓ ୧୪ ନଂ. ବୁଥ୍‌ରେ ରିଗିଂ ଆଶଙ୍କା ଥିବାରୁ ସେଠାରେ ପୋଲିସ ଫୋର୍ସ ପହଞ୍ଚିଥିଲେ। ତେବେ ପୋଲିସ ଫୋର୍ସକୁ ଦେଖି ଲୋକେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୨ ପୋଲିସ କର୍ମଚାରୀ ଗୁରୁତର ହୋଇଛନ୍ତି। କଲ୍ୟାଣପୁର ପଞ୍ଚାୟତ ସମଲପୁର ଗ୍ରାମରେ ମଧ୍ୟ ନିର୍ବାଚନୀ ହିଂସା ଦେଖାଦେଇଛି। ଗ୍ରାମର ୯ ନଂ. ବୁଥରେ ପ୍ରଫୁଲ୍ଲ ସେଠୀ ନାମକ ଜଣେ ଯୁବକଙ୍କୁ ଅନ୍ୟ ଗୋଷ୍ଠୀ ଲୋକେ ମରଣାନ୍ତକ ଆକ୍ରମଣ କରିଛନ୍ତି। ସେହିପରି ରିଗିଂ ଓ ଭୋଟ ବାକ୍ସ ଫିଙ୍ଗା ନେଇ ୩ ପଞ୍ଚାୟତର ୮ ବୁଥ୍‌ରେ ମତଦାନ ସ୍ଥଗିତ ଥିବା ଜଣାପଡ଼ିଛି। ବାଛୋଳ ପଞ୍ଚାୟତର ୨, ୪, ୭, ୮ ନଂ ବୁଥ୍‌ରେ ଭୋଟ ବାକ୍ସ ଫିଙ୍ଗା ଓ ରିଗିଂ ଅଭିଯୋଗରେ ମତଦାନ ସ୍ଥଗିତ ରହିଛି। ସେହିପରି ବିତନା ପଞ୍ଚାୟତର ୬ ନଂ. ୱାର୍ଡ ଓ ଉତ୍ତଙ୍ଗରା ପଞ୍ଚାୟତର ୩ ନଂ. ୱାର୍ଡରେ ମଧ୍ୟ ରିଗିଂ ଅଭିଯୋଗରେ ମତଦାନ ସ୍ଥଗିତ ରହିଛି। ଅନ୍ୟ ୨ ବୁଥ୍‌ର ସ୍ୱଷ୍ଟଚିତ୍ର ଆସି ପାରିନାହିଁ। ଅନ୍ୟପକ୍ଷରେ ଖବରଦାତାଙ୍କୁ ଆକ୍ରମାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି। ଖବର ଲେଖାବେଳକୁ ଖବରଦାତାଙ୍କୁ ମାଡ଼ ଘଟଣାରେ ବାଛୋଳ ପଞ୍ଚାୟତରୁ ୧୦ ମହିଳା ଓ ୧୫ଜଣ ପୁରୁଷଙ୍କୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି।

## ୯୧୪ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

**କଳିଙ୍ଗନଗର,୨୦ା୨(ଡି.ଏନ.ଏ.)**

**କୋରେଇ ବ୍ଲକ**

- ଗୋଳେଇପୁରର ୪ ବୁଥରେ ହେବ ପୁନଃ ମତଦାନ
- ବିଡିଓଙ୍କୁ ଧକ୍କା ମାରିଲେ ଦୁର୍ବୃତ୍ତ

କୋରେଇ ବ୍ଲକର ୨୮ ପଞ୍ଚାୟତରେ ରବିବାର ପଞ୍ଚାୟତ ନିର୍ବାଚନର ମତଦାନ ଅନୁଷ୍ଠିତ ହୋଇଛି। ମୋଟ୍ ୪୦୮ ବୁଥ୍ ମଧ୍ୟରୁ ୪୦୪ ବୁଥରେ ୧ଲକ୍ଷ ୨୩ ହଜାର ୯୩୩ ଭୋଟର ମତଦାନ କରିଛନ୍ତି। ଫଳରେ ବ୍ଲକର ମୋଟ୍ ୯୧୪ ପ୍ରାର୍ଥୀଙ୍କ ମଧ୍ୟରୁ ୧୦ ଜିଲା ପରିଷଦ, ୧୨୫ ସରପଞ୍ଚ, ୧୦୭ ସମିତିସଭ୍ୟ ଓ ୬୭୨ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇଯାଇଛି। ବ୍ଲକ ଅଧୀନ ସାଦକପୁର ପଞ୍ଚାୟତ ଖାରଜବଟିରା ଗ୍ରାମର ବୁଥ୍ ନଂ. ୧ ଏବଂ ୨କୁ ପିଙ୍କ୍ ବୁଥ୍ କରାଯାଇଥିଲା। ଏହି ବୁଥ୍ ଦ୍ୱୟରେ ୨୨ ମହିଳା କର୍ମଚାରୀ ନିୟୋଜିତ ଥିଲେ। ବ୍ଲକର ଅତି ଉତ୍ତେଜନାପ୍ରବଣ ବୁଥ୍ ଭାବେ ପରିଚିତ ମକୁନ୍ଦପୁର ଏବଂ ଅନ୍ଧାରି ପଞ୍ଚାୟତରେ ପ୍ରଶାସନ ସହାୟତାରେ ଶାନ୍ତିପୂର୍ଣ୍ଣ ନିର୍ବାଚନ କାର୍ଯ୍ୟ ସରିଥିବାବେଳେ ଗୋଳେଇପୁର ପଞ୍ଚାୟତରେ ଗଣ୍ଡଗୋଳ ହୋଇଥିଲା। ପଞ୍ଚାୟତର ୨୨ ବୁଥ୍ ମଧ୍ୟରୁ ୧୧ ଅତି ଉତ୍ତେଜନା ପ୍ରବଣ ବୁଥ ରହିଥିବା ପୂର୍ବ ସୂଚନା ଥିଲା। ତେବେ ପ୍ରଶାସନର ଖାମଖିଆଲି ମନୋଭାବ ପାଇଁ ଏଠାରେ ବୁଥ୍ ରିଗିଂ ହେବା ସହିତ କୋରେଇ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କୁ ଧକ୍କା ମରାଯାଇଛି। ସୋତି ବୁଥ ବାହାରେ କିଛି ବାଲଟ ପେପର ପୋଡ଼ାଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏକ ନିର୍ଦ୍ଦିଷ୍ଟ ଦଳ ସମର୍ଥିତ ପ୍ରାର୍ଥୀଙ୍କ ପକ୍ଷରୁ ଗୋଳେଇପୁର ପଞ୍ଚାୟତର ଏକ ବୁଥରେ ରିଗିଂ କରାଯିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଫଳରେ ପ୍ରଶାସନ ପକ୍ଷରୁ ପଞ୍ଚାୟତର ୮, ୯, ୧୦ ଓ ୧୧ ନଂ ବୁଥ୍‌ରେ ପୁନଃ ମତଦାନ ପାଇଁ ନିର୍ବାଚନ କମିଶନରଙ୍କୁ ସୁପାରିସ କରାଯାଇଛି। ସେହିପରି ବ୍ଲକର ତାହାରପୁର ପଞ୍ଚାୟତରେ କିଛି ଅସାମାଜିକ ବ୍ୟକ୍ତି ବୁଥ ରିଗିଂ ଏବଂ ଗଣ୍ଡଗୋଳ କରିବାର ମସୁଧା କରୁଥିବା ଜଣାପଡ଼ିଥିଲା। ଏନେଇ ଗଣମାଧ୍ୟମ ପ୍ରତିନିଧିମାନେ ପୋଲିସ ଏବଂ ପ୍ରଶାସନକୁ ଜଣାଇବାରୁ ସମ୍ଭାବ୍ୟ ରିଗିଂ ଏବଂ ଗଣ୍ଡଗୋଳକୁ ଏଡ଼ାଇ ଦିଆଯାଇଛି। ଭୋଟ ଶେଷ ହେବା ପର୍ଯ୍ୟନ୍ତ ପୋଲିସ ଏବଂ ପ୍ରଶାସନ ତତ୍ପର ଥିଲେ। ଏତଦ୍‌ବ୍ୟତୀତ ବ୍ଲକର ଅନ୍ୟ ବୁଥରେ କାଁଭାଁ ଗଣ୍ଡଗୋଳକୁ ଛାଡି ଶୃଙ୍ଖଳିତ ଭାବେ ମତଦାନ ସମାପ୍ତ ହୋଇଛି।



କୋରେଇ ବ୍ଲକର ଏକ ବୁଥ୍‌କୁ ରିଗିଂ ଉଦ୍ୟମ କରୁଥିବା ଲୋକଙ୍କୁ ପୋଲିସ ଘଉଡ଼ାଉଛି।

## ସଂକ୍ଷେପରେ

### ଭୋଟ୍ ବର୍ଜନ ନିଷ୍ପତ୍ତିରୁ ଓହରିଲେ ଗ୍ରାମବାସୀ

**କାଳିଆପାଣି,୨୦ା୨(ଡି.ଏନ.ଏ.):** ସୁକିନ୍ଦା ବ୍ଲକ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତର ନାତୋର, ଛତାଟାଙ୍ଗର, ପୋଡ଼ାଘରା ଓ ବାଘୁଆ ସାହି ଗ୍ରାମର ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବାରୁ ଭୋଟ୍ ବର୍ଜନ କରିବାକୁ ଧମକ ଦେବା ସହ ଧାରଣାରେ ବସିଥିଲେ। କିନ୍ତୁ ଏବେ ସେମାନେ ଭୋଟ୍ ବର୍ଜନ ନିଷ୍ପତ୍ତିରୁ ଓହରି ଯାଇ ଭୋଟ୍ ପ୍ରଚାରରେ ଲାଗି ପଡ଼ିଛନ୍ତି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ସମ୍ପୃକ୍ତ ୪ ଗ୍ରାମର ଲୋକଙ୍କ ନିକଟରେ ପହଞ୍ଚି ଭୋଟ ଦେବା ସେମାନଙ୍କ ମୌଳିକ ଅଧିକାର, ଭୋଟ ଦେଇ ନିଜ ପଞ୍ଚାୟତର ଯୋଗ୍ୟ ସରପଞ୍ଚ ଓ ସମିତିସଭ୍ୟ ସହ ଜିଲା ପରିଷଦ ପ୍ରାର୍ଥୀ ଚୟନ କରିବାକୁ ନିବେଦନ କରିଥିଲେ। ଏହି ସମୟରେ ଗ୍ରାମବାସୀ ତୁରନ୍ତ ଜମି ପଟ୍ଟା, ପାନୀୟ ଜଳ ଓ ପକ୍କାଘର ଆଦି ଯୋଗାଇ ଦେଲେ ଭୋଟ ଦେବୁ ବୋଲି ବିଧାୟକଙ୍କ ନିକଟରେ ଦାବି ରଖିଥିଲେ। ବିଧାୟକ ଏନେଇ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେବା ସହ ଭୋଟ ଦେବାକୁ ଅନୁରୋଧ କରିଥିଲେ। ତେଣୁ ନିର୍ବାଚନ ପାଖେଇ ଆସୁଥିବାରୁ ରବିବାର ୪ ଗ୍ରାମର ଗ୍ରାମବାସ ଭୋଟ ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

### ଜିଲା ପ୍ରଶାସନକୁ ଦାୟୀ କଲା କଂଗ୍ରେସ

**ଯାଜପୁର ଟାଉନ,୨୦ା୨(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ୍ ବାଛୋଳ ପଞ୍ଚାୟତର ୨ ନଂ. ବୁଥ୍ ରିଗିଂରଭିଡିଓ ଉତ୍ତୋଳନ ସମୟରେ ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ଜିଲା କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। ରବିବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଖବରଦାତାଙ୍କ ଉପରେ ମାରଣାନ୍ତକ ଆକ୍ରମଣ ସୁସ୍ଥ ଗଣତାନ୍ତ୍ରିକ ପଦ୍ଧତି ଓ ଆଚରଣ ବିଧିକୁ ଉଲ୍ଲଂଘନ କରୁଛି ବୋଲି ପିସିସି ସମ୍ପାଦକ ପଦ୍ମାକର ଗୁରୁ କହିଛନ୍ତି। କଂଗ୍ରେସର ଏକ ପ୍ରତିନିଧି ଦଳ ଆହତ ଖବରଦାତାଙ୍କୁ ସାକ୍ଷାତ କରି ସେମାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଜିଲାର ଚତୁର୍ଥ ଓ ୫ମ ପର୍ଯ୍ୟାୟ ମତଦନା ସମୟରେ ଅତି ସମ୍ବେଦନଶୀଳ, ଅତି ଉତ୍ତେଜନା ପ୍ରବଣ ତଥା ବୁଥ୍ ରିଗିଂ ଆଶଙ୍କା ଥିବା ବୁଥ୍‌ରେ ଅଧିକ ଫୋର୍ସ ମୁତୟନ ଲାଗି ଦାବି କରାଯାଇଛି। ସମ୍ମିଳନୀରେ ସନ୍ତୋଷ ନନ୍ଦ, ବିଭୁତି ମହାପାତ୍ର, ବଳଭଦ୍ର ଦାସ, ଆଲୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୪ ବୁଥ୍‌ରେ ମତଦାନ ସ୍ଥଗିତ



କୋରେଇ ବ୍ଲକ ଅଧୀନ ସୋତି ଗ୍ରାମର ୪ ବୁଥ୍‌ରେ ମଦଦାନ ବନ୍ଦ ରହିବା ପରେ ପୋଲିଂ ଅଧିକାରୀମାନେ ଫେରି ଯାଉଛନ୍ତି।

**ପାଣିକୋଇଲି,୨୦ା୨(ଡି.ଏନ.ଏ.)**

କୋରେଇ ବ୍ଲକ ଅଧୀନ ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମର ୪ ବୁଥ୍‌ରେ ମତଦାନ ବନ୍ଦ ରହିଛି। ଏଠାରେ ପୁନଃ ମତଦାନ ଲାଗି ଜିଲା ପ୍ରଶାସନ ଘୋଷଣା କରିଛି। ସେହିପରି ପଞ୍ଚାୟତର ଟିକର ସାନ ବିରୁହାଁ ବୁଥ୍‌ରେ ପୁନଃ ମତଦାନ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଗୋଳେଇପୁର ପଞ୍ଚାୟତରେ ମତଦାନ ଚାଲିଥିଲା। ମାତ୍ର ସକାଳ ସାଢେ ୯ଟା ସୁଦ୍ଧା ଟିକର(ସାନ ବିରୁହାଁ) ଗ୍ରାମର ୧୫ ନମ୍ବର ବୁଥ ଜବରଦଖଲ କରାଯାଇଥିଲା। ଏଜେଣ୍ଟମାନଙ୍କୁ ମାଡ଼ ମାରି ବାହାରକୁ ବିଦା କରି ମତଦାନ ଶେଷ କରାଯାଇଥିଲା। ଉକ୍ତ ଖବର ପ୍ରଚାରିତ ହେବା ମାତ୍ରେ କିଛି ଲୋକ ପହଞ୍ଚିଥିଲେ। ମାତ୍ର ସେଠାରେ ଆହତ ଏଜେଣ୍ଟଙ୍କୁ ମାଡ଼ ମରା ଓ ମତଦାନ ଶେଷ ଦେଖି ପ୍ରତିହିଂସା ପରାୟଣ ହୋଇ କିଛି ଯୁବକ ସୋତି ଗ୍ରାମରେ ଥିବା ୮, ୯, ୧୦, ୧୧ ନମ୍ବର ବୁଥରେ ପହଞ୍ଚି ବୁଥ ଜବରଦଖଲ କରିବାକୁ ଚେଷ୍ଟା କରିଥିଲେ। ଖବରପାଇ ବିଡିଓ ରଞ୍ଜନ କୁମାର ପରିଡ଼ା ପହଞ୍ଚି ଏହାକୁ ବାରଣ କରିବାରୁ ଲୋକଙ୍କ ଅକ୍ରୋଶର ଶିକାର ହୋଇଥିଲେ। ବ୍ୟାସନଗର ତହସିଲଦାର ଓ ପାଣିକୋଇଲି ପୋଲିସ ପହଞ୍ଚି ଉତ୍ତେଜନା ହ୍ରାସ କରିଥିଲେ। ଏସ୍‌ଡିପିଓ ଚିନ୍ମୟ ନାୟକ, ଅତିରିକ୍ତ ଏସ୍‌ପି ବାଉରୀବନ୍ଧୁ ବେହେରା, ଅତିରିକ୍ତ ଏସ୍‌ପି ମିହିର କୁମାର ମହାନ୍ତି ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ମିହିର ମହାନ୍ତି ସୋତିର ୪ଟି ବୁଥରେ ମତଦାନ ବନ୍ଦ କରି ପୁନଃ ମତଦାନ କରାଇବାକୁ ଘୋଷଣା କରିଥିଲେ। ମାତ୍ର ଟିକରରେ ପୁନଃ ମତଦାନ ପାଇଁ ଲୋକେ ଅଡ଼ି ବସିଥିଲେ। ସାଢେ ୯ଟା ସୁଦ୍ଧା କିପରି ମତଦାନ ସମ୍ପୂର୍ଣ୍ଣ ହେଲା ପ୍ରଶ୍ନ ଉଠାଇଥିଲେ। ତେବେ ଟିକରରେ ପୁନଃ ମତଦାନ ସମ୍ପର୍କରେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ପୁନଃ ମତଦାନ କର ନ ଗଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ପ୍ରଶାସନ ଓ ପୋଲିସ ସହାୟତାରେ ୪ ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କ ସମେତ ସମସ୍ତ କର୍ମଚାରୀ ବସ ଯୋଗେ ଫେରି ଯାଇଥିଲେ। ସୋତିରେ ଏବେବି ଉତ୍ତେଜନା ଲାଗି ରହିଛି।

## ୧୪ ବୁଥ୍‌ରେ ସାନି ମତଦାନ ସୁପାରିସ

**ଯାଜପୁର ଟାଉନ,୨୦ା୨(ଡି.ଏନ.ଏ.)**

ଯାଜପୁର ଜିଲାରେ ରବିବାର ତୃତୀୟ ପର୍ଯ୍ୟାୟ ମତଦାନରେ ବ୍ୟାପକ ଅନିୟମିତତା ହୋଇଥିବା ନଜରକୁ ଆସିଛି। ତୃତୀୟ ପର୍ଯ୍ୟାୟରେ ବିଞ୍ଝାରପୁର ବ୍ଲକ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ ବିଭିନ୍ନ ସ୍ଥାନରେ ବ୍ୟାପକ ବୁଥ୍ ରିଗିଂ କରାଯାଇଥିବା ଅଭିଯୋଗ ହୋଇଛି। ବ୍ଲକ୍ ଅଧୀନ ବାଛୋଳ ପଞ୍ଚାୟତର ବୁଥ ନଂ. ୨, ୪, ୬, ୭ , ୮ ଓ ଜରି ପଞ୍ଚାୟତର ବୁଥ୍ ନଂ. ୧୪, ବିତନା ପଞ୍ଚାୟତର ବୁଥ୍ ନଂ ୬, ଉତ୍ତଙ୍ଗରା ପଞ୍ଚାୟତର ବୁଥ୍ ନଂ. ୩ ପାଇଁ ସାନି ମତଦାନ କରାଯିବାକୁ ରାଜ୍ୟ ନିର୍ବାଚନ କମିଶନରଙ୍କୁ ସୁପାରିସ କରାଯାଇଛି। ସେହିପରି କୋରେଇ ବ୍ଲକ୍‌ର ଟିକରା (ସାନବିରୁହାଁ) ପଞ୍ଚାୟତର ବୁଥ୍ ନଂ.୧୪ ଓ ୧୫, ସୋତିପଞ୍ଚାୟତର ବୁଥ୍ ନଂ. ୮, ୯, ୧୦ ଓ ୧୧ରେ ପୁନଃ ମତଦାନ କରିବା ପାଇଁ ଜିଲାପାଳ ସୁପାରିସ କରିଥିବା ସୂଚନା ପ୍ରଦାନ କରିଛନ୍ତି।

## ବଡ଼ଚଣାର ୩ ବୁଥ୍‌ରେ ହେବ ପୁନଃ ମତଦାନ

**ଚଣ୍ଡିଖୋଲ,୨୦ା୨(ଡି.ଏନ.ଏ.)**

ବଡ଼ଚଣାର ୪୩ ପଞ୍ଚାୟତରେ ୧୮ ତାରିଖରେ ମତଦାନ ଅନୁଷ୍ଠିତ ହୋଇଥିବା ବେଳେ ସେଥିମଧ୍ୟରୁ ୩ଟି ବୁଥ୍‌ରେ ପୁନଃ ମତଦାନ ହେବ ବୋଲି ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ଆସନ୍ତା ୨୩ ତାରିଖରେ ବଡ଼ଚଣା ବ୍ଲକ ନଳୀପୁର ପଞ୍ଚାୟତର ୨ ନମ୍ବର ବୁଥ୍, ରଇପୁର ପଞ୍ଚାୟତର ୫ ନମ୍ବର ବୁଥ୍ ଓ ବାଲିଚନ୍ଦ୍ରପୁର ପଞ୍ଚାୟତର ୧୦ନମ୍ବର ବୁଥ୍‌ରେ ସାନି ମତଦାନ ଅନୁଷ୍ଠିତ ହେବ ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ମିଳିଛି। ଏହି ୩ ବୁଥ୍‌ରେ ବିଭିନ୍ନ କାରଣ ପାଇଁ ଗଣ୍ଡଗୋଳ ହୋଇ ନିର୍ବାଚନ ବାତିଲ ହୋଇଥିଲା। ଚଳିତ ଥର ବଡ଼ଚଣାରେ ୭୫.୧୨ପ୍ରତିଶତ ମତଦାନ ହୋଇଛି। ୧ଲକ୍ଷ୯୪ହଜାର ୫୨୦ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୪୬ ହଜାର ୧୨୮ଜଣ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି।

# ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା

**ଯାଜପୁର ଟାଉନ/ଧର୍ମଶାଳା/କାଳିଆପାଣି/ଚଣ୍ଡିଖୋଲ,୨୦ା୨(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ବାମଦେବପୁର ବୁଥ୍‌ରେ ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ଯାଜପୁର ପ୍ରେସକ୍ଲବ ପକ୍ଷରୁ ନିନ୍ଦା କରାଯାଇଛି। ପ୍ରେସ୍‌କ୍ଲବ ପକ୍ଷରୁ କିଆନାଳିକୁଳଠାରେ ବୈଠକ କରାଯାଇ ସପ୍ତାହବ୍ୟାପୀ କଳା ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାପତି ରାଜୀବ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ପାଦକ ଅରୁଣ ରାଉତରାୟ, ସମରଜିତ ମହାନ୍ତି, ଆଦିତ୍ୟ ମେକାପ, ତପନ ମହାନ୍ତି, ବିଜୟ ମହାନ୍ତି, ଅନିଲ ପଣ୍ଡା, ସମରବିଜୟ ସରଣ, ସେକ୍ ମନିରୁଦ୍ଦିନ୍ ଓ ବିଭୁଦତ୍ତ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଏକ ବୈଠକ ସଭାପତି ରମାକାନ୍ତ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଉପଦେଷ୍ଟା ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୁଲାମ ଗସ, ସୀତାକାନ୍ତ ସାମଲ, ମାନସ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଉକ୍ତ ଘଟଣାକୁ ନିନ୍ଦା କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ସପ୍ତାହେ କଳାଦିବସ ପାଳିବ ଯାଜପୁର ପ୍ରେସ୍ କ୍ଲବ

ସୁକିନ୍ଦା ପ୍ରେସ୍ କ୍ଲବ ଘଟଣାକୁ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କୁ ଗିରଫ ଦାବି କରିଛି। ଏନେଇ ରବିବାର ପ୍ରେସ କ୍ଲବ କାର୍ଯ୍ୟାଳୟଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ସଭାପତି ବିଶ୍ୱଜିତ ନାୟକଙ୍କ ସଭାପତିତ୍ୱରେ କ୍ଲବର ସମସ୍ତ ସଦସ୍ୟ କଳାବ୍ୟାଜ୍ ପରିଧାନ କରିଥିଲେ। କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ସମ୍ପାଦକ ନୀଳ ମାଧବ ନାୟକ, ବିମଳେନ୍ଦୁ ବେହୁରା, ଲମ୍ବୋଦର ଦଳ ବେହେରା, ଅସିତ ମହାନ୍ତ, ଏସ୍‌କେ ଜହୁର ଓ ସୌମ୍ୟରଞ୍ଜନ ବାରିକ ଉପସ୍ଥିତ ଥିଲେ।

ଖବରଦାତାଙ୍କୁ ଆକ୍ରମଣକୁ ବଡ଼ଚଣା ପ୍ରେସ ଫୋରମ୍ ପକ୍ଷରୁ ନିନ୍ଦା କରାଯାଇଛି। ବଡ଼ଚଣାସ୍ଥିତ ଦୁର୍ଗାମଣ୍ଡପରେ ଖବରଦାତା ମହେଶ୍ୱର ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଫୋରମ୍ ଆବାହକ ପ୍ରଦୀପ୍ତ କୁମାର ପୃଷ୍ଟି ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ। ଏନେଇ ସୋମବାର ଖବରଦାତାମାନେ ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି।



ବିଞ୍ଝାରପୁର ବ୍ଲକ: ଏକ ମତଦାନ କେନ୍ଦ୍ରରେ ମହିଳା ଓ ପୁରୁଷ ଭୋଟର ଛିଡ଼ା ହୋଇଛନ୍ତି।



ଜିଲାପାଳ ବୁଥ୍ ପରିଦର୍ଶନ କରୁଛନ୍ତି।



ଏକ ଭୋଟ ବାକ୍ସ ପୋଖରୀରେ ଫିଙ୍ଗାଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୧ ଫେବୃୟାରୀ, ୨୦୨୨



**ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ**

ଏରସମା,(ସ୍ୱ.ପ୍ର.): ଏରସମା ଥାନା ପଏଦା ପଞ୍ଚାୟତସ୍ଥିତ ଚମ୍ପାହାଟ ପାଖ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ଶଙ୍କର ପୃଷ୍ଟି (୪୫)। ତାଙ୍କ ଘର ଢେଙ୍କାନାଳ ଜିଲା ଗଁଦିଆ ଥାନାସ୍ଥିତ ଦଣ୍ଡେଇପାଣି ଗାଁରେ। ଚମ୍ପାହାଟ ରଇଜଙ୍ଗା ରାସ୍ତା ନିକଟରେ ଶଙ୍କର ଓ ସ୍ତ୍ରୀ ଘରଭଡ଼ା ନେଇ ରହି ସେଠାରେ କାମଧନ୍ଦା କରୁଥିଲେ। ରବିବାର ଭଡାଘର ନିକଟ ଗଛରେ ଶଙ୍କରଙ୍କ ମୃତଦେହ ଦେଖି ସ୍ଥାନୀୟ ଲୋକ ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଘର ମାଲିକ ସତ୍ୟବ୍ରତ ସ୍ୱାଇଁଙ୍କ ଅଭିଯୋଗକ୍ରମେ ଅପମୃତ୍ୟୁ ମାମଲା (ନଂ.୩/୨୨) ରୁଜୁ କରାଯାଇଛି।

## ସଂକ୍ଷେପରେ

### ମାଳିପୁର ୩ ନଂ. ୱାର୍ଡରେ ନିର୍ବାଚନୀ ହିଂସା, ଜଣେ ଗୁରୁତର

ପଟ୍ଟାମୁଣ୍ଡାଇ,୨୦।୨(ସ୍ୱ.ପ୍ର.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୩ୟ ପର୍ଯ୍ୟାୟ ଭୋଟ ସମୟରେ ପଟ୍ଟାମୁଣ୍ଡାଇ ବ୍ଲକର କେତେକ ବୁଥ୍‌ରେ ରବିବାର ନିର୍ବାଚନୀ ହିଂସା ଘଟିଛି। ହିଂସାକାଣ୍ଡରେ ଜଣେ ଯୁବକ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତୃତୀୟ ପର୍ଯ୍ୟାୟ ମତଦାନ ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତରେ ୪ ଟି ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ମେମ୍ବରମାନଙ୍କ ମତଦାନ ଅନୁଷ୍ଠିତ ହୋଇଥିଲା। ଏହି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଟ୍ଟାମୁଣ୍ଡାଇ ବ୍ଲକ ଶାସନ ପଞ୍ଚାୟତ ମାଳିପୁର ୩ ନଂ. ୱାର୍ଡରେ ବିଜୟ ନାୟକ ଦିବ୍ୟାଙ୍ଗ ଓ ରୋଗୀମାନଙ୍କ ଭୋଟ ଅନ୍ୟ କେହି ଦେଇପାରିବେ ନାହିଁ ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ସହ ବଚସା ହୋଇଥିଲା। ଏହା ଉଗ୍ର ରୂପ ନେଇ ମାରପିଟ ହୋଇଥିଲା। ଏଥିରେ ବିଜୟ ସଂଜ୍ଞାହୀନ ହୋଇ ପଡି ଯାଇଥିଲେ। କେତେଜଣ ବ୍ୟକ୍ତି ବିଜୟଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ପ୍ରବଳ ବର୍ଷା: ଧାନ, ବିରି, ପରିବା ଫସଲ ନଷ୍ଟ



ରାଜକନିକା,୨୦।୨(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲାର ଉପକୂଳବର୍ତ୍ତୀ ରାଜକନିକା ବ୍ଲକରେ ରବିବାର ଅପରାହ୍ଣରେ ପ୍ରବଳ ବର୍ଷା ଯୋଗୁ ଧାନ ଫସଲ ନଷ୍ଟ ହୋଇଯାଇଛି। ଏହା ସାଙ୍ଗକୁ ବର୍ଷା ଯୋଗୁ ପନିପରିବା ଓ ବିରି ଫସଲ ମଧ ନଷ୍ଟ ହୋଇଛି। କିଆରିଗୁଡିକରେ ବର୍ଷାଜଳର ଲହଡି ଖେଳୁଛି। ବାରମ୍ବାର ପ୍ରାକୃତିକ ବିପଦ ଚାଷୀଙ୍କ ପିଛା ଛାଡୁ ନାହିଁ। ବର୍ଷରେ କେତେବେଳେ ବନ୍ୟା ତ ଆଉ କେଉଁ ସମୟରେ ବାତ୍ୟା ଓ ମରୁଡି ପରିସ୍ଥିତି ଏ ଅଞ୍ଚଳରେ ହେଉଛି। ବାରମ୍ବାର ପ୍ରାକୃତିକ ବିପଦ ଲାଗି ରହିଥିବାରୁ ବହୁ ଚାଷୀ ହଳ ବଳଦ ଜୁଆଳି ଓ ଲଙ୍ଗଳ ବିକି ଦେଇ ପେଟ ପୋଷିବାକୁ ଦାଦନ ଖଟିବାକୁ ବିଦେଶ ପଳାଉଛନ୍ତି। ଆଗାମୀଦିନରେ ଚାଷ ହେବ ନାହିଁ ବୋଲି ହାଟସାହିର ବଡଚାଷୀ ଅଭୟ ବେଉରିଆ, ସନ୍ତୋଷ ବେହୁରିଆ, ଅବଦୁଲପୁରର ଚକ୍ରଧର ପାଣ୍ଡବ, ବୈଷ୍ଣବ ଚରଣ ମିଶ୍ର, ଅରୁଣ କୁମାର ଦାସ, ସାନହଳୁପଡାର ପ୍ରଶାନ୍ତ ନାୟକ ଓ ବିଜୟ କୁମାର ନାୟକ ପ୍ରମୁଖ ଦୁଃଖର ସହ ପ୍ରକାଶ କରିଛନ୍ତି। ସେହିପରି ରାଜକନିକା କୃଷି ବିଭାଗ ସ୍ଥାଣୁ ପାଲଟି ଯାଇଛି। ସେମାନେ କୃଷି କ୍ଷେତ ପରିଦର୍ଶନରେ ଆସୁ ନାହାନ୍ତି। ବର୍ତ୍ତମାନର ଚାଷର କ୍ଷତିପୂରଣ ମିଳିବା ତ ଦୂରର କଥା ଗତ ବର୍ଷାରେ ବନ୍ୟାରେ ଉଜୁଡି ଯାଇଥିବା ଫସଲର କ୍ଷତି ପୂରଣ ଏ ପର୍ଯ୍ୟନ୍ତ ମିଳୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଗଭୀର କ୍ଷୋଭ ପ୍ରକାଶ ପାଉଛି।

# ତିର୍ତ୍ତୋଲରେ ୭୫.୪୫%, ବିରିଡ଼ିରେ ୭୬.୪୪% ଭୋଟ



ତିର୍ତ୍ତୋଲର ଏକ ମତଦାନ କେନ୍ଦ୍ରରେ ମହିଳାମାନେ ଭୋଟ ଦେବା ପାଇଁ ଲାଇନ୍‌ରେ ଠିଆ ହୋଇଛନ୍ତି।

**ବିରିଡ଼ି ୧ନଂ. ଜୋନ୍‌ରେ ସର୍ବାଧିକ, ୨ନଂ.ରେ ସର୍ବନିମ୍ନ ମତଦାନ**

ଜଗତ୍‌ସିଂହପୁର ଅଫିସ,୨୦।୨

ଜଗତ୍‌ସିଂହପୁର ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପର୍ଯ୍ୟାୟରେ ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ୭୫.୪୫% ମତଦାନ ହୋଇଛି। ବ୍ଲକର ୪ଟି ଜୋନ ମଧ୍ୟରୁ ୩ନଂ.ରେ ସର୍ବାଧିକ ୭୮.୭୧% ଓ ୪ନଂ.ରେ ସର୍ବନିମ୍ନ ୭୩.୬୬% ମତଦାନ ହୋଇଛି। ଅନ୍ୟ ଜୋନ୍ ଯଥା ୧ନଂ.ରେ ୭୪.୪୩% ଓ ୨ନଂ.ରେ ୭୪.୮୯% ଭୋଟ୍ ହୋଇଛି। ସେହିପରି ବିରିଡ଼ି ବ୍ଲକରେ ୭୬.୪୪% ମତଦାନ ହୋଇଛି। ବ୍ଲକର ୨ଟି ଜୋନ୍‌ରୁ ୧ନଂ. ଜୋନ୍‌ରେ ସର୍ବାଧିକ ୮୦.୧୭% ଓ ୨ନମ୍ବରରେ ସର୍ବନିମ୍ନ ୭୨.୬୭% ମତଦାନ ହୋଇଛି। ବିରିଡ଼ି ବ୍ଲକ ଅଞ୍ଚଳରେ କାଁ ଭାଁ ଉତ୍ତେଜନା ଦେଖିବାକୁ ମିଳିଛି। କିନ୍ତୁ ତିର୍ତ୍ତୋଲର ଏକାଧିକ ସ୍ଥାନରେ ହିଂସା ସାଙ୍ଗକୁ ଅବ୍ୟବସ୍ଥା ପଦାକୁ ଆସିଥିଲା। ମତଦାନ ପରେ ତିର୍ତ୍ତୋଲ, ବିରିଡ଼ି ବ୍ଲକ ଅଞ୍ଚଳରୁ ପୋଲିଂ ଦଳଗୁଡିକ ଭୋଟ୍ ବାକ୍ସ ସାଙ୍ଗକୁ ଅନ୍ୟାନ୍ୟ ସାମଗ୍ରୀ ଧରି ତିର୍ତ୍ତୋଲର ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଓ ବିରିଡ଼ିର ଅଳକା ମହାବିଦ୍ୟାଳୟ ବିତରଣ କେନ୍ଦ୍ରରେ ପହଞ୍ଚିଥିଲେ। ତିର୍ତ୍ତୋଲ ବ୍ଲକର ୪ଟି ଜିଲା ପରିଷଦ ଜୋନ ଅନ୍ତର୍ଗତ ୨୯ଟି ପଞ୍ଚାୟତ ପାଇଁ ୪୭୯ଟି ବୁଥ୍ ହୋଇଥିଲା। ୧,୩୭,୦୦୮ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବା ସୁଯୋଗ ଥିଲା। କିନ୍ତୁ ୧,୦୩,୩୭୫ ଜଣ ଭୋଟ ଦେଇଥିଲେ । ସେହିପରି ବିରିଡ଼ି ବ୍ଲକର ୨ଟି ଜିଲା ପରିଷଦ ଜୋନ ଅନ୍ତର୍ଗତ ୨୧ଟି ପଞ୍ଚାୟତ ପାଇଁ ୩୩୯ଟି ବୁଥ୍ ହୋଇଥିଲା। ଏଠାରେ ୬୭,୪୩୪ ଜଣ ଭୋଟରଥିବାବେଳେ ୫୧,୫୪୭ ଜଣ ମତଦାନ ସାବ୍ୟସ୍ତ କରିଛନ୍ତି। ମୋଟ ଉପରେ ଉଭୟ ବ୍ଲକ ଅଞ୍ଚଳର ୧୭୩୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ୍ ବାକ୍ସ ଭିତରେ ସିଲ୍ ହୋଇଯାଇଛି। ସେମାନଙ୍କ ମଧ୍ୟରୁ ତିର୍ତ୍ତୋଲର ୧୦୪୦ ଓ ବିରିଡ଼ି ବ୍ଲକର ୬୮୬ ଜଣ ପ୍ରାର୍ଥୀ ରହିଛନ୍ତି। ତିର୍ତ୍ତୋଲ ବ୍ଲକ ଅଞ୍ଚଳର ୧୫ ଜିଲା ପରିଷଦ, ୯୫ ସମିତି ସଭ୍ୟ, ୧୧୬ ସରପଞ୍ଚ ଓ ୮୨୨ ୱାର୍ଡ ସଭ୍ୟ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ୬୦ଟି ପୋଲିସ ମୋବାଇଲ ଦଳ ଓ ୮୬ଟି ମହିଳା ପୋଲିଂ ଦଳ ସମେତ ୧୪୩୭ ପୋଲିଂ ଅଧିକାରୀ ନିୟୋଜିତ ହୋଇଥିଲେ। ୮୬ଟି ସମ୍ବେଦନଶୀଳ ଓ ୫ଟି ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଥିଲା। ସେହିପରି ବିରିଡ଼ି ବ୍ଲକରେ ୧୬ଟି ପୋଲିସ ମୋବାଇଲ ଦଳ, ୭୧ ମହିଳା ପୋଲିଂ ଦଳ ଓ ୧୦୧୭ ପୋଲିଂ ଅଧିକାରୀ ନିୟୋଜିତ ହୋଇଥିଲେ। ୫୧ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଥିଲା। ୨୪୫୪ ଜଣ ପୋଲିଂ ଅଧିକାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

# ନିର୍ବାଚନ ବେଳେ ହିଂସା



ମୁଳିସିଂହ ପଞ୍ଚାୟତର ଲୋକେ ପୋଲିଂ ଅଧିକାରୀଙ୍କ ଗାଡିକୁ ଅଟକାଇଛନ୍ତି।

- ସାରଳା ରୋଡ୍‌ରେ ରାସ୍ତାରୋକୋ
- ଇଛିସିଂରେ ମାରପିଟରେ ୫ ଆହତ

ଜଗତ୍‌ସିଂହପୁର ଅଫିସ/ତିର୍ତ୍ତୋଲ,୨୦।୨

ତିର୍ତ୍ତୋଲ ବ୍ଲକରେ ୩ୟ ପର୍ଯ୍ୟାୟ ନିର୍ବାଚନବେଳେ କେତେକ ସ୍ଥାନରେ ହିଂସା ଘଟିଛି। ବ୍ଲକର ମୁଳିସିଂହ ପଞ୍ଚାୟତରେ ମତଦାନ ପରେ ପୋଲିଂ ଦଳ ଭୋଟ୍ ବାକ୍ସ ଧରି ଗାଡ଼ିରେ ତିର୍ତ୍ତୋଲର ଆଦିକବି ସାରଳା ଦାସ ମହାବିଦ୍ୟାଳୟ ପରିସର ଷ୍ଟ୍ରଙ୍ଗରୁମ୍‌କୁ ଫେରୁଥିବାବେଳେ ତେନ୍ତୁଳିପଦା ପ୍ରାଥମିକ ବିଦ୍ୟାଳୟ ନିକଟରେ ଅଟକି ଯାଇଥିଲେ। ପୋଲିଂ ଦଳ କାହିଁକି ଅଟକିଛନ୍ତି ବୋଲି ସନ୍ଦେହ କରି ସ୍ଥାନୀୟ ଅଞ୍ଚଳର ଲୋକ ପଚାରିଥିଲେ। ସେମାନେ ଖାଉଥିବା କହିଥିଲେ, ସୁଦ୍ଧା ଲୋକେ ବିଶ୍ୱାସ କରି ନ ଥିଲେ। ଖବରପାଇ ମୁଳିସିଂହର କେତେଜଣ କଂଗ୍ରେସ ସମର୍ଥିତ ଲୋକ ସେଠାରେ ପହଞ୍ଚି ଅସନ୍ତୋଷ ବ୍ୟକ୍ତ କରିଥିଲେ। କଟକ-ପାରାଦୀପ ରାସ୍ତାର ଶାରଳା ରୋଡ ଛକରେ ରାସ୍ତାରୋକୋ କରିଥିଲେ। ସେହିପରି କୋଳର ପଞ୍ଚାୟତର ଓଳଗଦା ବୁଥ୍‌ରେ ମତଦାନ ପରେ କେତେଜଣ ଲୋକ ଭୋଟ ବାକ୍ସ ନେଇ ଅନ୍ୟ ଏକ କୋଠରିରେ ରଖିଥିଲେ ବୋଲି ଉମେଶ ବେହେରା ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଉକ୍ତ ବାକ୍ସକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଇଛିସିଂ ପଞ୍ଚାୟତ ଅଧୀନ ଅରଣା ଗାଁରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଜଣେ ସରପଞ୍ଚ ପ୍ରାର୍ଥୀ ନିଜ ସପକ୍ଷରେ ଭୋଟ ଦେବାକୁ ଜଣେ ଭୋଟରଙ୍କ ପରିବାରକୁ କହିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଉଭୟପକ୍ଷରୁ ୫ ଜଣ ଆହତ ହୋଇଛନ୍ତି। ବୋଧେଇ ପଞ୍ଚାୟତର ଡିଆନପୁର ବୁଥ୍‌ରେ ଜଣେ ମୃତ ବ୍ୟକ୍ତି ଓ ଅନ୍ୟଜଣେ ଭୋଟର (ଯିଏକି ପଞ୍ଚାୟତରେ ଅନୁପସ୍ଥିତ ଥିଲେ)ଙ୍କ ନାଁରେ ଭୋଟ ଦିଆଯାଇଥିବା ଅଭିଯୋଗ ହେବାରୁ ଉତ୍ତେଜନା ହୋଇଥିଲା। ଏନେଇ କିଛି ସମୟ ମତଦାନ ବନ୍ଦ ହେବା ପରେ ପୁନର୍ବାର ସ୍ୱାଭାବିକ ହୋଇଛି।

# ରାଜନଗରରେ ୭୪, ପଟ୍ଟାମୁଣ୍ଡାଇରେ ୭୧ ପ୍ରତିଶତ

- ସରିଲା ତୃତୀୟ ପର୍ଯ୍ୟାୟ ମତଦାନ
- ଗୋଖଣୀରେ ପୋଲିସ ଓ ଜନତା ମୁହାଁମୁହିଁ
- ରାଜନଗରରେ ମହିଳାଙ୍କ ଉପସ୍ଥିତି ହାର ଅଧିକ

କେନ୍ଦ୍ରାପଡ଼ା ଅଫିସ/ରାଜନଗର/ପଟ୍ଟାମୁଣ୍ଡାଇ, ୨୦।୨ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାର ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକରେ ରବିବାର ୩ୟ ପର୍ଯ୍ୟାୟ ନିର୍ବାଚନ ସରିଛି। ଏହି ପର୍ଯ୍ୟାୟରେ ୨ ବ୍ଲକର ୭ଟି ଜୋନ ଅଞ୍ଚଳରେ ନିର୍ବାଚନ ହୋଇଥିଲା ରାଜନଗର ବ୍ଲକ ଡେରା ପଞ୍ଚାୟତ ଗୋଖଣୀର ୩ ନଂ. ବୁଥ୍‌ରେ ଭୋଟର ଲିଷ୍ଟର ନାମ ଉଲ୍ଲେଖ ହୋଇ ନ ଥିବାକୁ ନେଇ ପୋଲିସ ଓ ଜନତା ମୁହାଁମୁହିଁ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର, ବାଛରା ଓ ଔପଦା ପଞ୍ଚାୟତର ପୋଖରିଆ ସମେତ ଦୁଇ ବ୍ଲକ ଅଞ୍ଚଳର ଅଳ୍ପ କେତୋଟି ସ୍ଥାନରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଥିଲେ ମଧ ଭୋଟ ସଂଗ୍ରହ ଚାଲୁ ରହିଥିଲା। ରାଜନଗରରେ ୭୩.୮୨ % ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ୭୦.୮୩ ପ୍ରତିଶତ ଭୋଟ ସଂଗ୍ରହ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ରାଜନଗର ବ୍ଲକ ଅଞ୍ଚଳରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଅଧିକ ମତଦାନ କରିଛନ୍ତି। ବ୍ଲକର ମୋଟ ଭୋଟରଙ୍କ ସଂଖ୍ୟା ୧,୩୦,୬୩୩ । ଚଳିତ ନିର୍ବାଚନରେ ପୁରୁଷ ଭୋଟର ୬୬.୪୯ ପ୍ରତିଶତ ଭୋଟ ଦେଇଥିବା ବେଳେ ୮୦.୫୫ ମହିଳା ଭୋଟର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଛନ୍ତି। ରାଜନଗର ବ୍ଲକର ୩୦ ନଂ. ଜୋନରେ ମୋଟ ୪୦,୨୧୧ ଭୋଟରଙ୍କ ମଧ୍ୟରୁ ୧୩,୪୮୨ ପୁରୁଷ ଓ ୧୪୭୦୫ ମହିଳା ଭୋଟ ଦେଇଥିଲେ। ସେହିପରି ୩୧ ନଂ. ଜୋନରେ ମୋଟ ୪୫,୯୯୩ ଭୋଟରଙ୍କ ମଧ୍ୟରୁ ୧୪,୭୯୮ ପୁରୁଷ ଓ ୧୭,୫୦୭ ମହିଳା, ୩୨ ନଂ.ଜୋନରେ ମୋଟ ୪୪,୪୨୯ ଭୋଟରଙ୍କ ମଧ୍ୟରୁ ୧୭,୮୧୯ ପୁରୁଷ ଓ ୧୮,୧୧୭ ମହିଳା ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ମୋଟ ଭୋଟରଙ୍କ ସଂଖ୍ୟା ୧,୪୨,୬୦୦। ଏଥିମଧ୍ୟରୁ ନିର୍ବାଚନରେ ୪୮,୭୮୧ ପୁରୁଷ ଓ ୫୨,୨୨୦ ମହିଳା ମତଦାନ କରିଥିଲେ। ଏହି ବ୍ଲକର ୧୫ ନଂ. ଜୋନରେ ମୋଟ ୩୮,୪୧୭ ଭୋଟରଙ୍କ ମଧ୍ୟରୁ ୧୨,୭୮୪ ପୁରୁଷ ଓ ୧୩,୭୩୪ ମହିଳା ଭୋଟ ଦେଇଥିଲେ। ସେହିପରି ୧୬ ନଂ. ଜୋନରେ ମୋଟ ୩୦,୫୭୭ ଭୋଟରଙ୍କ ମଧ୍ୟରୁ ୧୧,୧୪୭ ପୁରୁଷ ଓ ୧୧,୬୧୫ ମହିଳା, ୧୭ ନଂ. ଜୋନରେ ମୋଟ ୩୭,୮୩୬ ଭୋଟରଙ୍କ ମଧ୍ୟରୁ ୧୩,୪୧୬ ପୁରୁଷ ଓ ୧୪,୦୯୬ ମହିଳା, ୧୮ ନଂ. ଜୋନରେ ମୋଟ ୩୫,୭୭୦ ଭୋଟରଙ୍କ ମଧ୍ୟରୁ ୧୧,୪୩୪ ପୁରୁଷ ଓ ୧୨,୭୭୫ ମହିଳା ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ନିର୍ବାଚନ ପ୍ରକ୍ରିୟା ଶାନ୍ତି ଶୃଙ୍ଖଳାରେ ସରିଥିବା ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି।



ରାଜନଗରରେ ଏକ ବୁଥ୍‌ରେ ଭୋଟ ଗ୍ରହଣ ପରେ ବାକ୍ସକୁ ଷ୍ଟ୍ରଙ୍ଗ ରୁମ୍‌କୁ ନିଆଯାଉଛି।

# ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀ, ବିଧାୟକଙ୍କ ପ୍ରଚାର

ରଘୁନାଥପୁର,୨୦।୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ୧ନଂ ଜିଲାପରିଷଦ ବିଜେଡି ପାର୍ଥିନୀ ରିନାରାଣୀ ମଲ୍ଲିକଙ୍କ ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାସ ଓ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ପ୍ରଚାର କରିଛନ୍ତି। ଏହି ଅବସରରେ ଏକ ରୋଡ୍ ଶୋ ଆୟୋଜନ କରାଯାଇଥିଲା। ଖଣ୍ଡତରିସ୍ଥିତ ପଥପ୍ରାନ୍ତ କେନ୍ଦ୍ର ନିକଟରୁ ଏକ ଖୋଲା ଜିପରେ ପାର୍ଥିନୀଙ୍କ ସହ ମନ୍ତ୍ରୀ ଦାସ ଓ ବିଧାୟକ ଦାସ ତାରପୁର, ଗୁଆଳିପୁର, ପୂରଣ ଓ ଧରାଧରପୁର, ଜଗନାଥପୁର, ରଘୁନାଥପୁର, ତରିକୁନ୍ଦ, ଜୟଷୋଳ ଓ ବରାଗଳ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ଜିଲା ଉପସଭାପତି ସରୋଜକାନ୍ତ ସ୍ୱାଇଁ, ଅନ୍ତର୍ଯାମୀ ରାଉତଙ୍କ ସହ ବିଭିନ୍ନ ପଞ୍ଚାୟତର ଦଳୀୟ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଏଥିରେ ସାମିଲ ହୋଇଥିଲେ।



ବିଧାୟକ, ମନ୍ତ୍ରୀ ରୋଡ ଶୋରେ ପ୍ରାର୍ଥୀଙ୍କ ସହ ଯାଉଛନ୍ତି।

# ବାହାର ଲୋକଙ୍କ ଚକ୍ରାନ୍ତ ବରଦାସ୍ତ କରାଯିବନି

କୁଜଙ୍ଗ,୨୦।୨(ଡି.ଏନ୍.ଏ.)

ହାଇକୋର୍ଟରେ ୫ ଜଣିଆ କମିଟି ଶନିବାର ଢିଙ୍କିଆ ଗସ୍ତରେ ଆସିଥିବା ବେଳେ ଉତ୍ତେଜନା ହୋଇଥିଲା। ବାହାର ଗ୍ରାମର ଲୋକଙ୍କ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଢିଙ୍କିଆ ଗାଁର କେତେଜଣ ବ୍ୟକ୍ତି ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ବାହାର ଅଞ୍ଚଳର ଲୋକେ ଗାଁରେ ଭାଇଚାରା ନଷ୍ଟ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅତୀତରେ ମଧ ଶିଳ୍ପ ପ୍ରତିଷ୍ଠାକୁ ନେଇ ଉପୁଜିଥିବା ଗଣ୍ଡଗୋଳରେ ବହୁ ଧନଜୀବନ ହାନି ହୋଇଛି ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ଏବେ ଜେଏସଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ସରକାର ଓ ଜନତାଙ୍କ ସହମତିରେ ଜମି ଅଧିଗ୍ରହଣ କରି ପାନବରଜ ଉଚ୍ଛେଦ କରାଯାଉଥିବାବେଳେ ଶିଳ୍ପ ବିରୋଧୀମାନେ ଗଣ୍ଡଗୋଳ କରୁଛନ୍ତି। ଏଥଯୋଗୁ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ପୁଣି ଗ୍ରାମରେ ଭାଇଚାରା ଓ ଶାନ୍ତି ଫେରାଇ ଆଣିବାକୁ ମୁରବି ଓ ଯୁବଗୋଷ୍ଠୀଙ୍କ ପକ୍ଷରୁ ପ୍ରୟାସ କରାଯାଇଛି। ଫେବୃୟାରୀ ୧୩ରେ ଜିଲାପାଳ ଓ ଏସ୍‌ପିଙ୍କୁ ଗାଁକୁ ଡକାଯାଇ ଏ ସମ୍ପର୍କରେ ଆଲୋଚନା କରାଯାଇଛି। ମାତ୍ର ହାଇକୋର୍ଟରେ ହୋଇଥିବା ମାମଲାରେ ଆଇନଜୀବୀ କମିଟି ଅନୁଧ୍ୟାନ ପାଇଁ ଆସିଥିବା ବେଳେ ଉତ୍ତେଜନା ସୃଷ୍ଟି କରିବାକୁ ଉଦ୍ୟମ କରାଯାଇଛି। ଏଭଳି ଚକ୍ରାନ୍ତକୁ ଢିଙ୍କିଆବାସୀ ବରଦାସ୍ତ କରିବେ ନାହିଁ ବୋଲି ସେଥିରେ ଦର୍ଶାଯାଇଛି। ଗାଁର ନିର୍ଭୟ ସାମନ୍ତରାୟ, ଦେବଦତ୍ତ ସ୍ୱାଇଁ, ଅକ୍ଷୟ ବେହେରା, ଅକ୍ଷୟ ଦାସ, ନିତ୍ୟାନନ୍ଦ ସ୍ୱାଇଁ, ବିବେକାନନ୍ଦ ସ୍ୱାଇଁ, ନୃସିଂହ ରାଉତଙ୍କ ପକ୍ଷରୁ ଏହି ପ୍ରେସ ବିଜ୍ଞପ୍ତି ଦିଆଯାଇଛି।

# ଏରସମା ୩ନଂ. ଜୋନ୍‌ରେ ମନ୍ତ୍ରୀଙ୍କ ରୋଡ ଶୋ’

ଜଗତ୍‌ସିଂହପୁର ଅଫିସ, ୨୦।୨

ଆସନ୍ତା ୨୪ ତାରିଖରେ ଏରସମା ବ୍ଲକରେ ନିର୍ବାଚନ। ଏନେଇ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମାରାଥନ ପ୍ରଚାର କରିଛନ୍ତି। ରବିବାର ମନ୍ତ୍ରୀ ଏହି ବ୍ଲକର ୩ନଂ. ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ପଞ୍ଚାୟତଗୁଡିକରେ ଦଳୀୟ କର୍ମୀଙ୍କ ସହ ବୈଠକ କରିବା ସହ ରୋଡ ଶୋ’ରେ ସାମିଲ ହୋଇଥିଲେ। ବିଜେଡି ସମର୍ଥିତ ଜିଲା ପରିଷଦ ପ୍ରାର୍ଥୀ ପୀତବାସ ଗୋଛାୟତ ଓ ଦଳ ସମର୍ଥିତ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ସେ ନିବେଦନ କରିଥିଲେ। ଏରସମା ପଞ୍ଚାୟତର ଜଗନ୍ନାଥ ମଠ ନିକଟରୁ ଶୋଭାଯାତ୍ରା ବାହାରି ସିହା, ମଣିକୁଣ୍ଡଳ, ଦେଉଳୀ, ରୟତ ସାହି, କୈବର୍ତ୍ତ ସାହି ଦେଇ ଜପା ପଞ୍ଚାୟତରେ ପହଞ୍ଚିଥିଲା। ତା’ପରେ ଜପା, ଦେଇକା, ଭୂଆଁସାହି, ଭେଣ୍ଡାସାହି, ସୁନାଡିହା, ଧୋବେଇ ଦେଇ ଭିତରଅନ୍ଧାରି ପଞ୍ଚାୟତରେ ପ୍ରଚାର କରିଥିଲେ। ଏହି ରୋଡ ଶୋ’ରେ ଜିଲା ପରିଷଦ ପ୍ରାର୍ଥୀ ଗୋଛାୟତଙ୍କ ସହ ସଚ୍ଚିଦାନନ୍ଦ ଦାସ, ଦେବଯାନୀ ସେଠୀ, ବିଦ୍ୟୁଲତା ରାଉତ, ସୁନୀଲ କୁମାର ଗୋଛାୟତ ପ୍ରମୁଖ ସାମିଲ ହୋଇଥିଲେ।



ମନ୍ତ୍ରୀ ରଘୁନନ୍ଦନ ଦାସ ଏରସମାର ୩ନଂ. ଜୋନ୍‌ର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

# ସଫଳତା ଦୋହରାଇବା ଲକ୍ଷ୍ୟରେ ଭାଜପା

**କୁଜଙ୍ଗ ବ୍ଲକର ୪ ଜିଲା ପରିଷଦ ଜୋନ୍**



- ଗତଥର ଭାଜପା, ବିଜେଡି ଦଖଲରେ ଥିଲା ସମାନ ଆସନ
- କଂଗ୍ରେସ ୩ନଂ. ଜୋନ୍‌ରେ ପ୍ରାର୍ଥୀ ଦେଇନି

ଜଗତ୍‌ସିଂହପୁର ଅଫିସ, ୨୦।୨

ଜଗତ୍‌ସିଂହପୁର ଜିଲାର ୨୬ଟି ଜିଲା ପରିଷଦ ଜୋନ ମଧ୍ୟରୁ କୁଜଙ୍ଗ ବ୍ଲକର ୪ଟି ଯାକ ଆସନର ଗୁରୁତ୍ୱ ରହିଛି। ୨୦୧୭ ନିର୍ବାଚନରେ ଏହି ବ୍ଲକରେ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏପରି କି ଉଭୟ ଦଳର ସମାନ ସଂଖ୍ୟକ ଅର୍ଥାତ୍ ୨ଜଣ ଲେଖାଏ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଜିଲାରେ ବିଜେଡିର ଆଧିପତ୍ୟ ଥିବାବେଳେ କୁଜଙ୍ଗ ବ୍ଲକରୁ ଭାଜପାର ୨ ଜଣ ଜିତିବା ସେତେବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଭାଜପାର ଏଭଳି ଉତ୍‌ଥାନକୁ ବିଜେଡି ସହଜରେ ଗ୍ରହଣ କରିପାରି ନ ଥିଲା। ଚଳିତ ନିର୍ବାଚନରେ ମଧ ଭାଜପା, ବିଜେଡି ମଧ୍ୟରେ କଡ଼ା ମୁକାବିଲା ହେବାନେଇ ଚର୍ଚ୍ଚା ହେଉଛି। ଭାଜପା ସମସ୍ତ ୪ଟି ଯାକ ଆସନ ହାତେଇନେବା ପାଇଁ ରଣକୌଶଳ ଆପଣାଉଥିବାବେଳେ ବିଜେଡି ପଛରେ ପଡ଼ିନି। ଅପରପକ୍ଷେ କଂଗ୍ରେସ ୩ନଂ. ଜୋନ୍‌ରେ ପ୍ରାର୍ଥୀ ନ ଦେବା ଆଲୋଚନାର ବିଷୟ ହୋଇଛି।

କୁଜଙ୍ଗ ବ୍ଲକର ୪ ଜିଲା ପରିଷଦ ସଭ୍ୟ ଏବଂ ୨୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ପଦବୀ ପାଇଁ ଆସନ୍ତା ୨୨ ତାରିଖରେ ନିର୍ବାଚନ ହେବ। ଗତ ନିର୍ବାଚନକୁ ଅନୁଶୀଳନ କଲେ ଜଣାଯାଏ, ଏହି ବ୍ଲକ ଅଞ୍ଚଳରେ ଭାଜପା ସଙ୍ଗଠନ ଆଶାତୀତ ଫଳ ପ୍ରଦର୍ଶନ କରିଥିଲା। ୧ନଂ. ଜୋନ୍‌ରେ ୯ଟି ପଞ୍ଚାୟତ ଥିବାବେଳେ ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ ହୋଇଥିଲା । ଶେଷରେ ବିଜେଡି ପ୍ରାର୍ଥୀ ଜିତିଥିଲେ। ସେହିପରି ୨ନଂ. ଜୋନ୍‌ରେ ୭ଟି ପଞ୍ଚାୟତ ଥିବାବେଳେ ଭାଜପା, ବିଜେଡି, କଂଗ୍ରେସ ଓ ସ୍ୱାଧୀନଙ୍କୁ ମିଶାଇ ମୋଟ ୪ ଜଣ ପ୍ରାର୍ଥୀ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ୩ନଂ. ଜୋନରେ ୬ଟି ପଞ୍ଚାୟତ ରହିଛି । ଏହି ଜୋନ୍‌ରେ ୩ ପ୍ରମୁଖ ଦଳ ସହ ୨ ସ୍ୱାଧୀନଙ୍କୁ ମିଶାଇ ମୋଟ ୫ ଜଣ ପ୍ରାର୍ଥୀ ହୋଇଥିଲେ। ଲଢେଇରେ ବିଜେଡିର କୈଳାସ ଚନ୍ଦ୍ର ବେହେରାଙ୍କୁ ହରାଇ ଭାଜପାର ସୁଶ୍ରୀ ପ୍ରିୟଦର୍ଶିନୀ ୧୯୨୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୪ନଂ. ଜୋନ୍‌ର ୬ଟି ପଞ୍ଚାୟତ ରହିଛି। ଗତ ନିର୍ବାଚନରେ ବିଜେଡିର ସୁଧଳ କୁମାର ସ୍ୱାଇଁଙ୍କୁ ଭାଜପାର ରଶ୍ମିରଞ୍ଜନ ଚୌଧୁରୀ ୨,୩୦୫ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ନୂଆ ରେକର୍ଡ ସୃଷ୍ଟି କରିଥିଲେ।

ଏଥର କୁଜଙ୍ଗ ୧ନଂ. ଜୋନ୍‌ରେ ଭାଜପାରୁ ଦୀପ୍ତିମୟୀ ବସ୍ତିଆ, କଂଗ୍ରେସରୁ ନିବେଦିତା ପ୍ରିୟଦର୍ଶିନୀ, ବିଜେଡିରୁ ପ୍ରମୋଦ ଚରଣ ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି। ସେହିପରି କୁଜଙ୍ଗ ୨ନଂ. ଜୋନରେ ଭାଜପାରୁ ନିରଞ୍ଜନ ପାତ୍ର, କଂଗ୍ରେସରୁ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବିଜେଡିରୁ ରବିନାରାୟଣ ସ୍ୱାଇଁ ମଇଦାନକୁ ଓହ୍ଲାଇଛନ୍ତି । କୁଜଙ୍ଗ ୩ନଂ. ଜୋନରେ ଭାଜପାରୁ ମିଲି ପରିଡ଼ା, ବିଜେଡିରୁ ପୁଷ୍ପଲତା ବେହେରା ଓ ସିପିଆଇରୁ ଜିନ୍ମୟୀ ସାହାଣୀ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ ଏହି ଜୋନ୍‌ରେ ପ୍ରାର୍ଥୀ ଦେଇନି। କୁଜଙ୍ଗ ୪ନଂ. ଜୋନରେ ଭାଜପାରୁ ମାମାଲି ସାହୁ, ବିଜେଡିରୁ କନକପ୍ରଭା ବେହେରା ଓ କଂଗ୍ରେସରୁ ଶାନ୍ତିଲତା ସେଠୀ ପ୍ରାର୍ଥୀ ହୋଇଛନ୍ତି। ସମସ୍ତ ୪ଟି ଜିଲା ପରିଷଦ ଜୋନରେ ଦଳୀୟ ପ୍ରାର୍ଥୀ ଜିତିବେ ବୋଲି ଭାଜପା ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି। ଏ ସମ୍ପର୍କରେ ଭାଜପା ନେତା ସମ୍ପଦ ସ୍ୱାଇଁ କହିଛନ୍ତି, ୨୦୧୯ ନିର୍ବାଚନରେ ସେ ପାରାଦୀପ ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ ହୋଇ ହାରିଥିଲେ। କିନ୍ତୁ ଲୋକଙ୍କ ସେବାରୁ ଦୂରେଇଯାଇ ନ ଥିଲେ। ଏହା ଭିତରେ ବାତ୍ୟା, କରୋନା ଭଳି ବିପତ୍ତି ଲୋକଙ୍କ ଜୀବନଜୀବିକାକୁ ବିପର୍ଯ୍ୟସ୍ତ କରି ଦେଇଛି। ଏଭଳି ସମୟରେ ବିଧାୟକ ସମ୍ବିତ ରାଉତରାୟ ଲୋକମାନଙ୍କଠାରୁ ଦୂରେଇ ରହିବା ଅସନ୍ତୋଷ ସୃଷ୍ଟି କରିଛି। ଯାହାର ପ୍ରତିଫଳନ ଦେଖିବାକୁ ମିଳୁଛି। ଲୋକଙ୍କ ସେବା କରିଥିବାରୁ ଦଳୀୟ ଜିଲା ପରିଷଦ ପ୍ରାର୍ଥୀ, ଦଳ ସମର୍ଥିତ ସରପଞ୍ଚ, ସଭ୍ୟ ପ୍ରାର୍ଥୀମାନେ ଗ୍ରହଣୀୟ ହୋଇପାରିଛନ୍ତି। ଯେଉଁ କାରଣରୁ ଆଗାମୀ ନିର୍ବାଚନରେ ଭାଜପା ସପକ୍ଷରେ ଜନମତ ଯିବ ବୋଲି ସ୍ୱାଇଁ କହିଛନ୍ତି। ବିଜେଡି ନେତା ତଥା ବିଧାୟକ ରାଉତରାୟ କହିଛନ୍ତି, ଲୋକଙ୍କଠାରୁ ଦୂରେଇଯାଇ ନ ଥିବା କହିଛନ୍ତି। ରାଜ୍ୟ ସରକାରଙ୍କ ଯୋଜନାଗୁଡିକର ସୁଫଳ ଜନସାଧାରଣ ପାଉଥିବାରୁ ଲୋକେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି ସେ କହିଛନ୍ତି। କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ ମଧ ଦଳୀୟ ପ୍ରାର୍ଥୀମାନେ ଭଲ ଫଳ ପ୍ରଦର୍ଶନ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା

**ଖଣ୍ଡପଡ଼ା,୨୦।୨(ସ୍ୱ.ପ୍ର.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଖବର ସଂଗ୍ରହ କରୁଥିବା କର୍ତ୍ତବ୍ୟରତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆକ୍ରମଣ ଘଟୁଛି । ଏହା ଅତ୍ୟନ୍ତ ଦୁଃଖ ଓ ନିନ୍ଦନୀୟ ଘଟଣା । ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଏହି ଘଟଣାକୁ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଗଣମାଧ୍ୟମର କଣ୍ଠରୋଧ କରିବାକୁ ଚେଷ୍ଟା କରୁଥିବା ଅସାମାଜିକ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରିବାକୁ ସଂଘର ସଭାପତି ବିନାୟକ ମିଶ୍ର, ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ, ବରିଷ୍ଠ ସଭ୍ୟ ପ୍ରଭାକର ଶିରୋମଣି, ଅଜୟ କୁମାର ମହାରଣା, ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଶାନ୍ତି ଶେଖର ରଥଙ୍କ ସମେତ ସଂଘର ସଦସ୍ୟମାନେ ଦାବି କରିଛନ୍ତି ।

### ଅବସରପ୍ରାପ୍ତ ଶିକ୍ଷାବିତ୍‌ଙ୍କ ପରଲୋକ



**ଖଣ୍ଡପଡ଼ା,୨୦।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ଖୁଦବେହେରା ପାଟଣା ଗ୍ରାମର ଗୋବର୍ଦ୍ଧନ ସାହୁ(୮୫)ଙ୍କ ରବିବାର ପରଲୋକ ହୋଇଯାଇଛି । ଦୀର୍ଘଦିନରୁ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ତାଙ୍କର ପରଲୋକ ହେବାର ଖବର ପ୍ରଚାରିତ ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ । ଗୋବର୍ଦ୍ଧନ ନିଖିଳ ଉତ୍କଳ କଂସାରୀ ସମାଜର ସମ୍ପାଦକ, ପାଣୁସାହୁ ପାଟଣା ଗ୍ରାମର ସଭାପତି ଏବଂ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ଶଙ୍ଖତୋଟା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ପ୍ରଭାତ କୁମାର ସାହୁ ମୁଖାଗ୍ନି ଦେଇଥିଲେ ।

# ଇଟାମାଟିରେ ପୋଲିସର ଲାଠି ଚାଳନା

- ବାଲାଟ ବାକ୍ସ ରେଷ୍ଟରୁମକୁ ନେବା ନେଇ ଉତ୍ତେଜନା
- ପ୍ରିଜାଇଡିଂ ଅଫିସର ଅଟକ
- ସାନି ମତଦାନ ଦାବିରେ ରାସ୍ତାରୋକୋ

**ନୟାଗଡ଼ ଅଫିସ,୨୦।୨**



ଇଟାମାଟି ଥାନା ସମ୍ମୁଖରେ ରାସ୍ତାରୋକୋ କରାଯାଇଛି ।

ରବିବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ସମୟରେ ନୟାଗଡ଼ ବ୍ଲକ୍ ଇଟାମାଟି ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉକ୍ତ ଗାଁର ୫ନଂ. ବୁଥ୍‌ରେ ପ୍ରିଜାଇଡିଂ ଅଫିସର ବାଲାଟ ବକ୍ସ ଷ୍ଟ୍ରଙ୍ଗରୁମକୁ ନ ନେଇ ରେଷ୍ଟରୁମ୍‌କୁ ନେବାପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା । ସେହିପରି ୧ନଂ. ବୁଥ୍‌ରେ ଅନୁରୂପଭାବେ ବାଲାଟ ବକ୍ସ ରେଷ୍ଟରୁମ୍‌କୁ ଯିବା ଓ ୮ନଂ. ବୁଥ୍‌ରେ ବାଲାଟ ବକ୍ସ ଗାଡ଼ିରେ ଲୋଡ ହେବା ପରେ ନ ମିଳିବା ଘଟଣା ବିବାଦ ସୃଷ୍ଟି କରିଥିଲା । ଏଭଳି ସ୍ଥଳେ ସାନି ମତଦାନ ଦାବି କରି ସ୍ଥାନୀୟ ଭୋଟର,ଭାଜପା, କଂଗ୍ରେସ ସମର୍ଥକ,କର୍ମୀ ଓ ନେତା ଇଟାମାଟି ଥାନା ସମ୍ମୁଖରେ ଅପରାହ୍ନ ସାଢ଼େ ୨ଟାରେ ରାସ୍ତାରୋକୋ କରିଥିଲେ । ଉତ୍ତେଜନା ବଢ଼ିବା ଦେଖି ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା । ପରେ ଉପଜିଲାପାଳ,ନୟାଗଡ଼ ଏସ୍‌ଡିପିଓ, ନୟାଗଡ଼ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ପରେ ଅପରାହ୍ନ ସାଢ଼େ ୪ଟାରେ ରାସ୍ତାରୋକୋ ହଟିଥିଲା ।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ବ୍ଲକର ୨୯ ପଞ୍ଚାୟତରେ ରବିବାର ମତଦାନ ହୋଇଥିଲା । ମତଦାନ ଶେଷରେ ଇଟାମାଟି ଗାଁର ୫ ଓ ୧ନଂ.ବୁଥ୍‌ରେ ଏଜେଣ୍ଟମାନେ ଘରକୁ ଯିବା ପାଇଁ ବାହାରି ଥିଲେ । ଏହି ସମୟରେ ଉଭୟ ବୁଥ୍‌ର ପ୍ରିଜାଇଡିଂ ଅଫିସର ବାଲାଟ୍ ବକ୍ସକୁ ଷ୍ଟ୍ରଙ୍ଗ୍ ରୁମ୍‌କୁ ନେବାକୁ ପ୍ରସ୍ତୁତ ହେଉଥିଲେ । ଏହାପରେ ବାଲାଟ ବକ୍ସକୁ ଷ୍ଟ୍ରଙ୍ଗରୁମ୍‌କୁ ନ ନେଇ ରେଷ୍ଟରୁମ୍‌କୁ ନେବା ପ୍ରଚାର ହୋଇଥିଲା । ସେହିପରି ୮ନଂ. ବୁଥ୍‌ରେ ବାଲାଟ ବକ୍ସକୁ ଜଣେ କର୍ମଚାରୀ ରଖିବା ପରେ ଅନ୍ୟ ଜଣେ ବାଲାଟ ବକ୍ସ ଖୋଜିଥିଲେ । ଏନେଇ ଭାଜପାର ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ଇଟାମାଟିରେ ପ୍ରିଜାଇଡିଂ ଅଫିସର ବାଲାଟ ବକ୍ସକୁ ମୁଣ୍ଡରେ ମୁଣ୍ଡାଇ ରେଷ୍ଟରୁମ୍‌କୁ ନେଇଥିଲେ । ସେଠାରେ ଅନିୟମିତତା ହୋଇଥାନ୍ତା । ଶାସକଦଳର ଭୋଟ କମିଥିବା ବୁଥ୍‌ରେ ଅନିୟମିତତା କରାଯାଇଥିବା ସ୍ପଷ୍ଟ ହୋଇଛି । ଏଣୁ ୫,୧,୮ ନଂ. ବୁଥ୍‌ରେ ସାନି ମତଦାନ କରାଯାଉ । କଂଗ୍ରେସ ନେତା ମନୋଜ ସାହୁ କୁହନ୍ତି, ଭୋଟରେ ଅନିୟମିତତା କରିବାକୁ ବାଲାଟ ବକ୍ସ ଉଠାଇ ନିଆଯାଇଥିଲା । ହେଲେ ଭୋଟର ଏହାର ପ୍ରତିବାଦ କରିଥିଲେ । ମୃଦୁ ଲାଠି ଚାଳନା ବି ହୋଇଛି । ଉପଜିଲାପାଳ ଲଗ୍ନଜିତ ରାଉତ୍ କୁହନ୍ତି, ଇଟାମାଟିରେ ହୋଇଥିବା ଉତ୍ତେଜନା ଭୁଲ ବୁଝାମଣା ଯୋଗୁ ହୋଇଥିଲା । ଏହାକୁ ନେଇ ରାସ୍ତାରୋକୋ ହେବା ସହ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା । ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ଏନେଇ ହୋଇଥିବା ଅଭିଯୋଗକୁ ତଦନ୍ତ କରାଯିବ । ତଦନ୍ତରେ ଅନିୟମିତତା ଜଣାପଡିଲେ ନିର୍ବାଚନ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ।

### ୩ ଜୋନ୍‌ରେ ଭାଜପାର ପ୍ରଚାର ଜୋରଦାର



ଭାଜପା ପ୍ରାର୍ଥୀ ପ୍ରଚାର କରୁଛନ୍ତି ।

**ଖଣ୍ଡପଡ଼ା,୨୦।୨(ସ୍ୱ.ପ୍ର.)**

ଭାଜପା ଖଣ୍ଡପଡ଼ା ବ୍ଲକ ଅଧୀନ ୫, ୬ ଓ ୭ନଂ. ଜିଲା ପରିଷଦ ଜୋନ୍‌ରେ ପ୍ରଚାରକୁ ଜୋରଦାର କରିଛି । ଭାଜପା ନେତ୍ରୀ ଇଂ. ଅର୍ଚ୍ଚନା ଦାଶ ଓ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ପଦଯାତ୍ରା ଓ ପଥପ୍ରାନ୍ତ ସଭା ମାଧ୍ୟମରେ ପ୍ରଚାର ଅଭିଯାନରେ ସାମିଲ ହୋଇଛନ୍ତି । ୫ନଂ ଜୋନ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳୀୟ ପ୍ରାର୍ଥୀ ନିର୍ମଳା ବିଶ୍ୱାଳ, ୬ନଂ. ଜୋନ୍‌ରୁ କବିତା ରାଉତ ଓ ୭ ନଂ. ଜୋନ୍‌ରୁ ଜୟଶ୍ରୀ ବେହେରାଙ୍କ ପାଇଁ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଚାଲୁ ରହିଛି । ପ୍ରଚାରରେ ବିଜେଡି ଓ କଂଗ୍ରେସ ବି ପଛରେ ପଡ଼ି ନାହାନ୍ତି । ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କ ସହିତ ଭୋଟ ପାଇଁ ଘରକୁ ଘର ବୁଲୁଛନ୍ତି ।

# ହରିପୁରରେ ବୁଥ୍ ରିଗିଂ

- ଭାଜପା ପ୍ରାର୍ଥୀ,୨ ଖବରଦାତାଙ୍କୁ ମାଡ଼
- ବଡ଼ପଣ୍ଡୁସରରେ ମୃତକ ଦେଲେ ଭୋଟ
- ବିଡିଓଙ୍କୁ ଫେରାଦ ହେଲା କଂଗ୍ରେସ

**ନୟାଗଡ଼ ଅଫିସ,୨୦।୨**



ଭାଜପା ପ୍ରାର୍ଥୀଙ୍କୁ ଲୋକମାନେ ଘେରିଛନ୍ତି ।

ନୟାଗଡ଼ ବ୍ଲକ ୧୨ନଂ. ଜିଲାପରିଷଦର ହରିପୁର ଗାଁ ବୁଥ୍ ନଂ. ୫ ଓ ୭, ଗଦାଧରପ୍ରସାଦ ଗାଁର ୬ନଂ. ବୁଥ୍‌ରେ ରିଗିଂ ହୋଇଥିବା ଅଭିଯୋଗ ହୋଇଛି । ସେହିପରି ୧୪ନଂ.ଜିଲା ପରିଷଦ ଜୋନ୍‌ର ବଡ଼ପଣ୍ଡୁସର ୧୧ନଂ.ବୁଥ୍‌ରେ ମୃତକଙ୍କ ନାମରେ କେହି ଭୋଟ ଦେଇଥିବା ଅନୁରୂପ ଅଭିଯୋଗ ରହିଛି । ବୁଥ୍ ରିଗିଂ ନେଇ ୧୨ନଂ. ଭାଜପା ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ପ୍ରଧାନ ପ୍ରତିବାଦ କରିବାପରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହାକୁ ନେଇ ଗଣମାଧ୍ୟମର ପ୍ରତିନିଧି ଭିଜୁଆଲ ସଂଗ୍ରହ କରୁଥିଲେ । ଏଥିରେ ବୁଥ୍ ରିଗିଂକାରୀ ଉତ୍ତେଜିତ ହୋଇ ଭାଜପା ପ୍ରାର୍ଥୀ ଓ ଅର୍ଗସର ନୟାଗଡ଼ ଜିଲା ପ୍ରତିନିଧି ଶିବରାମ ମହାପାତ୍ର ଏବଂ ଅର୍ଗସର ଓଡ଼ଗାଁ ବ୍ଲକ ପ୍ରତିନିଧି ଅଭିଷେକ ମହାପାତ୍ରଙ୍କୁ ଘେରି ମାଡ଼ ମାରିଥିଲେ । ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଗଣ୍ଡଗୋଳ ଲାଗି ରହିଥିଲା । ଅନ୍ୟପକ୍ଷେ ହରିପୁରର ୫ ଓ ୭ନଂ, ଗଦାଧରପ୍ରସାଦ ଗାଁର ୬ନଂ. ବୁଥ୍‌ରେ ରିଗିଂ କରାଯାଇଥିବା କଂଗ୍ରେସ ପକ୍ଷରୁ ନୟାଗଡ଼ ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି । ସେହିପରି ବଡ଼ପଣ୍ଡୁସରର ୧୧ନଂ. ବୁଥ୍‌ରେ ମୃତଲୋକ ଭୋଟଦେବାର ଅନୁରୂପ ଅଭିଯୋଗ ହୋଇଛି । ଏହି ୩ଟି ସ୍ଥାନରେ ସାନି ମତଦାନ କରିବାକୁ କଂଗ୍ରେସ ଦାବି କରିଥିବା ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି । ଏନେଇ ଭାଜପା ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ପ୍ରଧାନ କୁହନ୍ତି, ହରିପୁରରେ ଜଣେ ବ୍ୟକ୍ତି ଭୋଟ ଦେଉଥିଲେ । ପାଖରେ ଥିବା ଭୋଟରମାନେ ଦେଖୁଥିଲେ ମଧ୍ୟ ପ୍ରତିବାଦ କରୁ ନ ଥିଲେ । ଶାସକଦଳର ଏଜେଣ୍ଟ ଓ କେତେଜଣ ବ୍ୟକ୍ତି ମିଳିତ ହୋଇ ବିରୋଧି ଏଜେଣ୍ଟକୁ ମତଦାନକେନ୍ଦ୍ରରୁ କାଢ଼ି ବୁଥ ରିଗିଂ କରିଥିଲେ । ମୁଁ ପ୍ରତିବାଦ କରିବା ପରେ ମାରପିଟ୍ ଆରମ୍ଭ ହୋଇଥିଲା ।

# ଭୋଟ ପାଇଁ ନୋଟ୍‌କୁ ନେଇ ଉଦ୍‌ବେଗ

**ଖଣ୍ଡପଡ଼ା,୨୦।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ୪ ଜିଲା ପରିଷଦ ଜୋନ୍‌ରୁ ୩ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ପ୍ରମୁଖ ରାଜନୈତିକ ଦଳର ସର୍ବମୋଟ ୧୩ ଜଣ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ୨୨ ପଞ୍ଚାୟତକୁ ନେଇ ଗଠିତ ଖଣ୍ଡପଡ଼ା ବ୍ଲକର ଆଦିବାସୀ ବହୁଳ କିଆଝର, କୋସକା, ସିଂଘାପଡ଼ା, ଗଡ଼ିଆସାହି, ବଳଭଦ୍ରପ୍ରସାଦ, ରୟତ ଢୋଲମରା, କୁମ୍ଭାରପଡ଼ା ପଞ୍ଚାୟତ ଅଧୀନ ବିଭିନ୍ନ ଗାଁର ଭୋଟରମାନେ ଏବେ ବି ଜାଣିନାହାନ୍ତି ଜିଲା ପରିଷଦ ସଭ୍ୟ ପାଇଁ କିଏ ନିର୍ବାଚନ ଲଢୁଛନ୍ତି । ପୋଷ୍ଟର, ବ୍ୟାନର ମାଧ୍ୟମରେ ପ୍ରାର୍ଥୀଙ୍କ ଚେହେରା ଦେଖିବାକୁ ମିଳୁଛି ବୋଲି ଅଧିକାଂଶ ଭୋଟର କହିଛନ୍ତି । ଜିଲା ପରିଷଦ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ଏବେ ଭୋଟରଙ୍କୁ ସିଧାସଳଖ ଭେଟିବା ପରିବର୍ତ୍ତେ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କୁ ଭେଟି ମୋଟା ଅଙ୍କର ଟଙ୍କା ପ୍ରଦାନ କରୁଛନ୍ତି । ସେହି ଅର୍ଥକୁ ସମ୍ପୃକ୍ତ ପ୍ରାର୍ଥୀମାନେ ଗାଁର ମୁଖିଆ, ଦଲାଲ ଓ କେତେଜଣ ଚତୁର ବ୍ୟକ୍ତିଙ୍କୁ ପ୍ରଦାନ କରି ଭୋଟ ପାଇଁ ନିବେଦନ କରୁଛନ୍ତି । ହେଲେ ସେହି ଅର୍ଥରୁ ସମ୍ପୃକ୍ତ ବ୍ୟକ୍ତିମାନେ ଫାଇଦା ଉଠାଉଛନ୍ତି ବୋଲି ଅଭିଯୋଗ ହୋଇଛି । ଚଳିତ ନିର୍ବାଚନରେ ପ୍ରଥମ କରି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବହୁ ଉଚ୍ଚ ଶିକ୍ଷିତ ଯୁବକ, ମହିଳା, ଶିକ୍ଷାବିତ୍ ନୋଟ ବଦଳରେ ଭୋଟ ବ୍ୟବସ୍ଥାକୁ ନାପସନ୍ଦ କରିବା ସହ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

# ମଣିନାଗ ପାହାଡ଼ରୁ ତଳକୁ ଓଲଟିଲା କାର୍

## ଗଛ ଦେଲା ସୁରକ୍ଷା, ୪ ଆହତ, ୨ ଗୁରୁତର



ଚୂର୍‌ମାର୍ ହୋଇଯାଇଥିବା କାର୍ ।



କାର୍‌ରୁ ଉଦ୍ଧାର ହୋଇଥିବା ପର୍ଯ୍ୟଟକ ।

**ନୟାଗଡ଼ ଅଫିସ/ରଣପୁର, ୨୦।୨(ସ୍ୱ.ପ୍ର.)**

ରବିବାର ନୟାଗଡ଼ ଜିଲାର ମା'ମଣିନାଗ ପାହାଡ଼ରୁ ଏକ କାର ୧ହଜାରରୁ ଉର୍ଦ୍ଧ୍ୱ ଫୁଟ୍ ତଳକୁ ଖସି ପଡିଛି । ତେବେ ପାହାଡ଼ରେ ଥିବା ଏକ ବଡ଼ ଗଛ ଯୋଗୁ ୬ ଯାତ୍ରୀଙ୍କ ଜୀବନ ରକ୍ଷା ପାଇଛି । କିନ୍ତୁ କାରଟି ଚୁରମାର ହୋଇ ଯାଇଛି । ଏହି ଦୁର୍ଘଟଣାରେ୬ ଜଣ ଆହତ ହୋଇଛନ୍ତି।। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ୫ଜଣ ପର୍ଯ୍ୟଟକ ଏକ କାର(ନଂ.ଓଡି୦୨ ବିଏନ ୬୦୯୫)ରେ ନୟାଗଡ଼ ଜିଲା ତଳ ମା'ମଣିନାଗ ମନ୍ଦିରକୁ ବୁଲିବାକୁ ଯାଇଥିଲେ । କାରରେ ଟାଙ୍ଗୀର ବିଶ୍ୱଭୂଷଣ ରଣା(୩୫), ସ୍ମୃତିସ୍ମିତା ମହାପାତ୍ର(୨୮),ସୁଭଦ୍ରା ରାଉତ(୩୦), ସାଇ ଶୁଭମ ରଣା(୨), ଅଭିଲିପ୍ସା ମହାପାତ୍ର(୧୦) ଓ ଚାଳକ ପିପିଲି କାଣ୍ଡନପଡ଼ା ଗ୍ରାମର ସିଲୁ ପରିଡ଼ା ଥିଲେ । ଏହି ପର୍ଯ୍ୟଟକମାନେ କାରରେ ଉପର ମଣିନାଗ ମନ୍ଦିର ଯିବାକୁ ମନସ୍ଥ କରିଥିଲେ । ଉପର ମଣିନାଗ ସମୁଦ୍ର ପତ୍ତନଠାରୁ ୪ ହଜାର ୬୦୦ ମିଟର ଉଚ୍ଚରେ ରହିଛି । ମଣିନାଗଙ୍କ ଦର୍ଶନ ସାରି ସେମାନେ ଫେରୁଥିଲେ । ହେଲେ ରବିବାର ଅପରାହ୍ନ ୪ଟାରେ ମଣିନାଗ ମୁଣ୍ଡିଆର ୧୫ ନଂ. ବୁଲାଣିରେ କାରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । କିଛି ସମୟ କାରଟି ଓଲଟିବା ପରେ ଏକ ବଡ଼ ଗଛରେ ଅଟକି ଯାଇଥିଲା । ଖବର ପାଇ ମଣିନାଗ ସେନାପକ୍ଷରୁ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରାଯାଇ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଆହତଙ୍କ ମଧ୍ୟରୁ ଡ୍ରାଇଭର ସିଲୁ ଓ ବିଶ୍ୱ ଭୂଷଣଙ୍କ ଅବସ୍ଥା ଗୁରୁତର ରହିଛି । ପ୍ରାଥମିକ ଚିକିତ୍ସା ପରେ ଅନ୍ୟମାନେ ଭଲ ଅଛନ୍ତି ।

### ଫୁଡେନ କମ୍ପାନୀରେ ଆଇଟିଆଇର ୨ ଛାତ୍ରୀଙ୍କୁ ନିଯୁକ୍ତି

**ବ୍ରହ୍ମପୁର ଅଫିସ,୨୦।୨**

ବ୍ରହ୍ମପୁର ଆଇଟିଆଇର ଦୁଇ ଛାତ୍ରୀ ଚେନ୍ନାଇର ଫୁଡେନ କମ୍ପାନୀରେ ନିଯୁକ୍ତି ପାଇଛନ୍ତି । ଶିକ୍ଷାନୁଷ୍ଠାନର ଇଲେକ୍ଟ୍ରିସିଆନ ବିଭାଗର ୨ ଛାତ୍ରୀ ନିଶାମଣି ଓ ରାଧିକା ବେହେରା ଏଭଳି ଏକ ବହୁଦେଶୀୟ କମ୍ପାନୀରେ ନିଯୁକ୍ତି ପାଇଥିବାରୁ ଶିକ୍ଷାନୁଷ୍ଠାନ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଏହି ୨ ଛାତ୍ରୀ ଗଜପତି ଅଞ୍ଚଳର । ୨ ଛାତ୍ରୀ ମଧ୍ୟବିତ୍ତ ପରିବାରର ହୋଇଥିବାରୁ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସେମାନେ ଉଚ୍ଚ ଶିକ୍ଷା ପାଇଁ ସକ୍ଷମ ନ ଥିଲେ । ଫଳରେ ରାଜ୍ୟ ସରକାରଙ୍କ ସୁଦକ୍ଷା ଯୋଜନାରେ ୨ ଛାତ୍ରୀ ଆଇଟିଆଇରେ ନାମ ଲେଖାଇଥିଲେ । ଏହାପରେ ସେମାନେ ଇଲେକ୍ଟ୍ରିସିଆନ ଟ୍ରେଡରେ ପାସ କରିବା ପରେ କ୍ୟାମ୍ପସ ଚୟନରେ ନିଯୁକ୍ତି ପାଇଥିଲେ । ଏହି ୨ ଛାତ୍ରୀ ନିଯୁକ୍ତି ପାଇବା ପରେ ତାଙ୍କର ପରିବାର ବର୍ଗ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଆଇଟିଆଇରେ ପାଠ ପଢିବା ପାଇଁ ଆହ୍ୱାନ ଦେଇଛନ୍ତି ।

# ବିଏମ୍‌ସି ରାସ୍ତା ନିର୍ମାଣ ବେଳେ ଅଲୋଡ଼ା ହେଲା ଚିଠି ବାକ୍ସ

**ବ୍ରହ୍ମପୁର ଅଫିସ,୨୦।୨**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବର୍ତ୍ତମାନ ସ୍ମାର୍ଟ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁରହିଛି । ଏହି ସ୍ମାର୍ଟ ରାସ୍ତା ନିର୍ମାଣ ସମୟରେ କେତେବେଳେ ଟ୍ରାଫିକ ସମସ୍ୟା ଉପୁଜୁଛି ତ ଆଉ କେତେବେଳେ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଏଭଳି ଭାବେ ବିଏମ୍‌ସି ପକ୍ଷରୁ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାଠାରୁ ସେଣ୍ଟ ଭିନସେଣ୍ଟ କନ୍‌ଭେଣ୍ଟ ସ୍କୁଲ ରାସ୍ତା ନିର୍ମିତ ହେଉଥିବା ବେଳେ ଏହି ରାସ୍ତା ବର୍ତ୍ତମାନ ଯାତାୟାତ ସମୟରେ ସମସ୍ୟା ହେଉଛି । ଏପରିକି ରାସ୍ତା ନିର୍ମାଣ ବେଳେ ଏଠାରେ ଥିବା ଏକ ଚିଠି ବାକ୍ସକୁ ରାସ୍ତାର ଏକ ପାର୍ଶ୍ୱରେ ଅଲୋଡା ଭାବେ ପକାଯାଇଥିବା ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଅନ୍ୟପଟେ ରାସ୍ତା ନିର୍ମାଣ ହେଉଥିବା ବେଳେ କୌଣସି ସୂଚନା ଫଳକ ନ ଥିବା ଦେଖିବାକୁ ମିଳିଛି । ଏଥିସହ ରାସ୍ତା ୨ ପାର୍ଶ୍ୱରେ ଡ୍ରେନ୍ ଖୋଳାଯାଇଥିବାରୁ ସମ୍ପୂର୍ଣ୍ଣ କାଦୁଅ ହୋଇ ରହିଛି । ଫଳରେ ସର୍ବସାଧାରଣ ଏହି କାଦୁଅ ରାସ୍ତା ଦେଇ ଯିବା ଆସିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏପରିକି ନିର୍ମାଣାଧୀନ ରାସ୍ତା ପାର୍ଶ୍ୱରେ ଥିବା ବହୁ ଠେଲା ବ୍ୟବସାୟୀ ହଇରାଣ ହେଉଥିବା କହିଛନ୍ତି । ଏଣୁ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା ଯାଏ ଯାତାୟାତ ବାରଣ ପାଇଁ ସୂଚନା ଦେବା ନିମନ୍ତେ ଦାବି ହୋଇଛି । ତେବେ ରାସ୍ତା ନିର୍ମାଣ ସମୟରେ ସେଣ୍ଟ ଭିନ୍‌ସେଣ୍ଟ ସ୍କୁଲ ପାର୍ଶ୍ୱରେ ଥିବା ଏକ ଚିଠି ବାକ୍ସକୁ ଅଦରକାରୀ ଭାବେ ପକାଇ ଦିଆଯାଇଛି ।




# ନୟାଗଡ଼ରେ ୭୮.୨୦ ପ୍ରତିଶତ ମତଦାନ

ନୟାଗଡ଼ ଅଫିସ,୨୦।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟରେ ୭୮.୨୦ ପ୍ରତିଶତ ମତଦାନ ହୋଇଛି । ନୟାଗଡ଼ ବ୍ଲକର ୨୦ ପଞ୍ଚାୟତରେ ୪ ଜିଲାପରିଷଦ ଜୋନ୍ ଏବଂ ୪୩୫ ୱାର୍ଡ଼ରେ ୧ଲକ୍ଷ ୨୭ହଜାର ୯୯୩ ମତଦାତାଙ୍କ ମଧ୍ୟରୁ ୧ଲକ୍ଷ ୯୯ ମତଦାନ କରିଛନ୍ତି । ଜିଲାପାଳ ପୋମା ଟୁଡୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ,ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି , ନୟାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭିକାରୀ ସାହୁ ପ୍ରମୁଖ ବିଭିନ୍ନ ବୁଥ୍ ପରିଦର୍ଶନ କରି କରିଛନ୍ତି । ଭୋଟବାକ୍ସଗୁଡ଼ିକୁ ପୋଲିଂ ପାର୍ଟିମାନେ ନୟାଗଡ଼ ବଜେନ୍ଦ୍ର ଉଚ୍ଚବିଦ୍ୟାଳୟରେ କରାଯାଇଥିବା ଷ୍ଟ୍ରଙ୍ଗ୍‌ରୁମରେ ଜିଲାପାଳ ଏବଂ ଉପଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖିଛନ୍ତି । ଏହି ଷ୍ଟ୍ରଙ୍ଗ୍‌ରୁମଗୁଡ଼ିକ ଫେବୃୟାରୀ ୨୬,୨୭ ଏବଂ୨୮ରେ ଭୋଟ ଗଣତି ହେବ । ତେବେ ଭୋଟଗଣତି ପର୍ଯ୍ୟନ୍ତ ୨୪ଘଣ୍ଟା ପୋଲିସ ପହରା ଏବଂ ସିସି ଟିଭି କ୍ୟାମେରାର ସତର୍କ ଦୃଷ୍ଟିରେ ରଖାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ତେବେ ପୂର୍ବାହ୍ନ ୭ଟାରୁ ଅପରାହ୍ନ ୧ଟାପର୍ଯ୍ୟନ୍ତ ହେବାର ନିୟମ ରହିଛି । ବୁଥ୍ ଭିତରେ ଅପରାହ୍ନ ୧ଟା ସୁଦ୍ଧା ଯେଉଁଭୋଟର ମାନେ ରହିଥିବେ, ସେମାନେ କେବଳ ମତଦାନ କରି ପାରିବେ । ବାଲିକୁଦିଆ ବୁଥ୍‌ରେ ଅପରାହ୍ନ୧ଟା ସୁଦ୍ଧା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଭୋଟର ରହିଥିଲେ। ସେମାନେ ମତଦାନ କରିବାର ଅଧିକାର ପାଇଲେ । ତେବେ କେତେଜଣ ଭୋଟର ଅପରାହ୍ନ୧ଟା ପରେ ଏଠାରେ ଆସି ଭୋଟ ଦେଇଥିବାର ଅଭିଯୋଗ ହୋଇଛି। ଅପରାହ୍ନ ୧ଟାପରେ ଆସିଥିବା ଭୋଟରଙ୍କୁ କିଏ ଅନୁକମ୍ପା ଦେଖାଇଲା ତାହ ତଦନ୍ତ ସାପେକ୍ଷ । ଏନେଇ ଜିଲା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି ।

**ସାମୟିକ ଉତ୍ତେଜନା:** ନାଟୁଗାଁ ଓ ଭୁତଡିହି ବୁଥ୍‌ରେ ମତଦାନକୁ ନେଇ ମଝିରେ ଉତ୍ତେଜନା ଦେଖା ଦେଇଥିଲା । ଖବର ପାଇ ପୋଲିସ ପରିସ୍ଥିତି ନିୟନ୍ତ୍ରଣ କରିଥିଲା । ଗୋବନ୍ଦପୁରରେ ୭ରୁ ଊର୍ଦ୍ଧ୍ୱ ନକଲି ଭୋଟର ଜାଲ ପ୍ରମାଣପତ୍ରଧରି ଭୋଟ ଦେବାକୁ ଆସିଥିଲେ। ଏମାନଙ୍କ ମଧ୍ୟରୁ ୨ଜଣ ଭୋଟ ଦେଇଥିବା ଜଣାପଡ଼ିଛି । ଜାଲିଆତି ଜଣାପଡ଼ିବାପରେ ଅନ୍ୟମାନେ ଖସି ଯାଇଥିଲେ । ଏହାକୁ ନେଇ କିଛି ସମୟ ଚାପା ଉତ୍ତେଜନା ଦେଖାଦେଇଥିଲା ।

## ଶଙ୍ଖେଇରେ ମାରପିଟ୍, ଜଣେ ଆହତ

ଶଙ୍ଖେଇ ବୁଥ୍‌ରେ ଭୋଟ ଦେବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ପ୍ରଥମେ ବୁଥ୍ ଭିତରେ ମାରପିଟ୍ ହୋଇଥିଲା। ପରେ ବୁଥ୍ ବାହାରେ ମାରପିଟ୍‌ରେ ଜଣେ ଆହତ ହୋଇଛନ୍ତି । ତେବେ ଏନେଇ ଇଟାମାଟି ଥାନା ଅଧିକାରୀ ରମେଶ ଦେବତା କୁହନ୍ତି, ବୁଥ୍ ବାହାରେ ମାରପିଟ୍‌ରେ ଜଣେ ଆହତ ହୋଇଛନ୍ତି । ତେବେ ଏନେଇ ଅଭିଯୋଗ ଆସିନି ।

**ଭୋଟରଙ୍କୁ ଅନୁକମ୍ପା:**ମତଦାନ

## ସଂକ୍ଷେପରେ

### ଜଳ ଜାଗରଣ ଅଭିଯାନ




**ଦଶପଲ୍ଲା, ୨୦।୨(ଡି.ଏନ.ଏ.):** ଜଳ ସଂରକ୍ଷଣ ନେଇ ଯୁବ ପିଢ଼ିଙ୍କୁ ଆଗକୁ ଆସିବାକୁ ପଡିବ। ଆଗାମୀଦିନରେ ୩ୟ ବିଶ୍ୱଯୁଦ୍ଧ ହେଲେ ଏହା ଯେ ଦିନେ ଜଳ ପାଇଁ ହେବ। ବିଶ୍ୱ ସମୁଦାୟ ପାଇଁ ଜଳସଙ୍କଟ ଏକ ଭୟଙ୍କର ବିପଦକୁ ଡାକି ଆଣିବ। ଏକଥାକୁ ଯୁବପିଢ଼ିଙ୍କୁ ଗୁରୁତର ସହ ନେବାକୁ ପଡ଼ିବ ବୋଲି ଦଶପଲ୍ଲା ମହାବୀର କୋଚିଂ ସେଣ୍ଟରଠାରେ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଓ ନୟାଗଡ଼ ସେବା ଉତ୍ସବ ସମିତିର ମିଳିତ ଆନୁକୂଲ୍ୟରେ ରବିବାର ଆୟୋଜିତ କର୍ମଶାଳାରେ ଯୋଗଦେଇ ଅତିଥିମାନେ ମତ ରଖିଛନ୍ତି। ନୟାଗଡ଼ ସେବା ଉତ୍ସବ ସମିତି ଅଧକ୍ଷ ଶିବରାମ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ଉଦ୍ୟାନ କୃଷି ଗବେଷିକା ପ୍ରିୟଙ୍କା ପ୍ରଧାନ, ମହାବୀର କୋଚିଂ ଏକାଡେମୀକର ମ୍ୟାନେଜର ମନୋରଞ୍ଜନ ବେହେରା ଓ ସାମାଜିକ କର୍ମୀ ପ୍ରିୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ତେବେ ଆଗାମୀ ଦିନରେ ବର୍ଷା ଜଳକୁ ସଂରକ୍ଷଣ ସାଙ୍ଗକୁ ଜଳ ଜାଗରଣ ଅଭିଯାନକୁ ବ୍ୟାପକ କରିବାକୁ ଏହି ଅବସରରେ ପ୍ରାୟ ୬୦ଜଣ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। ଜଳ ଜାଗରଣ ଅଭିଯାନକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ଯୁବକମାନେ ଆଗକୁ ଆସିଲେ ବିଶ୍ୱ ସମୁଦାୟର ଜଳ ସଙ୍କଟକୁ ଟାଳି ହେବ ବୋଲି ସେବା ଉତ୍ସବ ସମିତି ଅଧକ୍ଷ ମହାପାତ୍ର କହିଛନ୍ତି।

### ସାକ୍ଷୀ ନ ଦେବାକୁ ଶ୍ୱଶୁରଙ୍କୁ ହତ୍ୟା ଧମକ

**ବ୍ରହ୍ମପୁର ଅଫିସ,୨୦।୨:** ବ୍ରହ୍ମପୁର ବଡ଼ ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଅଞ୍ଚଳର ବିଜୟ କୁମାର ପାତ୍ରଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ମାମଲା ଏବେ କୋର୍ଟରେ ବିଚାର ଚାଲିଛି। ଏହି ମାମଲାରେ ସାକ୍ଷୀ ନ ଦେବାକୁ ତାଙ୍କ ଜ୍ୱାଇଁ ଏ. ସରୋଜ କୁମାର ପାତ୍ର ତାଙ୍କୁ ଧମକ ଦେଇଛନ୍ତି। କୋର୍ଟରେ ସାକ୍ଷୀ ଦେଲେ ବିଜୟଙ୍କୁ ଗୁଳିକରି ମାରିଦେବାକୁ ସରୋଜ ମଧ୍ୟ ଧମକ ଦେଇଥିଲେ। ଏନେଇ ବିଜୟ ଗୋଶାଣୀନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ଇତିଶ୍ରିତାଙ୍କ ସ୍ୱାମୀ ସରୋଜ ଅଜାଙ୍କ ପାଖରେ ରହୁଥିବା ତାଙ୍କ ଛୋଟ ଝିଅକୁ ମାଗିଥିଲେ। ବିଜୟ ଏହାକୁ ବାରଣ କରିବାରୁ ସେ ତାଙ୍କୁ ଆକ୍ରମଣ କରିଥିଲେ। ଅନ୍ୟ ଜ୍ୱାଇଁମାନେ ଏହାର ପ୍ରତିବାଦ କରିବା ସହ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ।

## ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସତ୍ୟ




ବ୍ରହ୍ମପୁର ଅଫିସ,୨୦।୨

ଇଣ୍ଡିଆନ ଇଣ୍ଡିଆନ ବଡ଼ି ବିଲ୍ଡିଂ ଫେଡେରେଶନ ପକ୍ଷରୁ ମାର୍ଚ୍ଚ ୧୧ରୁ ୧୩ ପର୍ଯ୍ୟନ୍ତ ସିକିମ୍ ରାଜଧାନୀ ଗ୍ୟାଙ୍ଗଟକର ମନନ କେନ୍ଦ୍ରଠାରେ ଏକାଦଶ ଜାତୀୟସ୍ତରୀୟ ଫେଡେରେଶନ କପ୍ ଅନୁଷ୍ଠିତ ହେବ। ଏହା ପୂର୍ବରୁ ରବିବାର ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ଜାତୀୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ନିମନ୍ତେ ପ୍ରତିଯୋଗୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆମେଚର ବଡିବିଲ୍ଡିଂ ସଂଘ ପକ୍ଷରୁ ୭ ପ୍ରତିଯୋଗୀ ଏବଂ ମେନ୍ସ ଫିଜିକ୍ସ କ୍ରୀଡ଼ା ନିମନ୍ତେ ଜଣେ ପ୍ରତିଯୋଗୀ ଯୋଗ ଦେଇଥିଲେ। ଜିଲାର ଜଣେ ମାତ୍ର ପ୍ରତିଯୋଗୀଭାବେ ସତ୍ୟ ନାରାୟଣ ସାହୁ ୭୦ କେ.ଜି. ବର୍ଗରେ ଜିଲା ଆମେଚର ବଡ଼ିବିଲ୍ଡିଂ ସଂଘ ପକ୍ଷରୁ ଜାତୀୟସ୍ତରୀୟ ଫେଡେରେଶନ କପ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ଏନେଇ ସତ୍ୟଙ୍କ କୋଚ ତଥା ସଂଘ ସମ୍ପାଦକ ଏସ.ରାଜେଶ ବାବୁ ଆଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମତଦାନ ବେଳେ ବିଶୃଙ୍ଖଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ବୁଥକୁ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି ପୋଲିଂ ପାର୍ଟି ।

ନୂଆଗାଁ,୨୦।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ମଙ୍ଗଳବାର ନୂଆଗାଁ ବ୍ଲକରେ ହେବ । ଏଥିପାଇଁ ନୂଆଗାଁ ବ୍ଲକର ପ୍ରତି ବୁଥ୍‌କୁ ପୋଲିଂ ପାର୍ଟି ପଠାଇ ଦିଆଯାଇଛି । ନୂଆଗାଁ ବ୍ଲକର ୨୨ ପଞ୍ଚାୟତର ୩୪୩ ବୁଥ୍‌ରେ ଭୋଟରମାନେ ମତଦାନ କରିବେ । ପ୍ରତି ପଞ୍ଚାୟତରେ ପିଙ୍କ୍ ବୁଥ୍ ରହିଛି । ଏଥିରେ ନୂଆଗାଁ ବ୍ଲକର ୭୭ ହଜାର ୧୭୩ ଜଣ ଭୋଟର ନିଜର ମତଦାନ କରିବେ । ପୂର୍ବରୁ ନୂଆଗାଁ କଲେଜରେ ପ୍ରସ୍ତୁତ ହୋଇଥିବା ଡିସ୍‌ପୋଜାଲ ସେଣ୍ଟରରେ ଗଚ୍ଛିତ ଥିବା ବେଳେ ପ୍ରତି ବୁଥ୍ ପାଇଁ ଆବଶ୍ୟକ ଭୋଟ ବାକ୍ସ , ବାଲାଟ ପେପର ଏବଂ ଅନ୍ୟାନ୍ୟ ସାମଗ୍ରୀ ସହ ପୋଲିଂ ପାର୍ଟିକୁ ମତଦାନ କେନ୍ଦ୍ରକୁ ପଠାଇ ଦିଆଯାଇଛି। ନୂଆଗାଁ ବ୍ଲକ ନିର୍ବାଚନ ଅଧିକାରୀ ତଥା ନୂଆଗାଁ ବିଡିଓଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି । ଡିସ୍‌ପୋଜାଲ କେନ୍ଦ୍ରରେ ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ନୂଆଗାଁ ଥାନା ଅଧିକାରୀ ବସନ୍ତ କୁମାର ସାହୁ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ସନ୍ଧ୍ୟାରେ ନୟାଗଡ଼ ଜିଲାପାଳ ଡ.ପୋମା ଟୁଡୁ ନୂଆଗାଁ ଡିସ୍‌ପୋଜାଲ କେନ୍ଦ୍ରକୁ ପରିଦର୍ଶନ କରିଥିଲେ । ଚଳିତ ପଞ୍ଚାୟତ ନିର୍ବାଚନରେ ଅଧିକାଂଶ ସ୍ଥାନରେ ବିଶୃଙ୍ଖଳା ଦେଖା ଦେଇଥିଲା । ଏହି ଘଟଣା ନଜରକୁ ଆସିଛି । ନୂଆଗାଁ ବ୍ଲକର କୌଣସି ବୁଥରେ ତାହା ଯେପରି ନ ହୁଏ ସେଥିପାଇଁ ସଜାଗ ରହିବାକୁ ବ୍ଲକ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ନୂଆଗାଁ ବ୍ଲକର ବୁଥ୍ ଗୁଡ଼ିକ ମଧ୍ୟରୁ ୧୭୧ ବୁଥ୍ ଉତ୍ତେଜନା ପ୍ରବଣ ରହିଥିବା ବେଳେ ୭ ବୁଥ୍ ଅତି ଉତ୍ତେଜନା ପ୍ରବଣ ବୋଲି ଚିହ୍ନଟ ହୋଇଛି। ଅତି ଉତ୍ତେଜନା ପ୍ରବଣ ଭୋଟ ଗ୍ରହଣ କେନ୍ଦ୍ରରେ ସିସି ଟିଭି କ୍ୟାମେରା ଲାଗିବା ସହ ଅଧିକ ପୋଲିସ ମୁତୟନର ବ୍ୟବସ୍ଥା କରାଯାଇଛି ବୋଲି ନୂଆଗାଁ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି। ଗୋଷ୍ଠୀ କନ୍ଦଳ ଯୋଗୁ ନୂଆଗାଁ ବ୍ଲକରେ ବିଭିନ୍ନ ସମୟରେ ଉତ୍ତେଜନ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ତେଣୁ ମତଦାନ ସମୟରେ ଯଦି ସେପରି କିଛି ଘଟଣା ପରିଲକ୍ଷିତ ହୁଏ ସେଥିପାଇଁ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ବୋଲି ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ନାୟକ ସୂଚନା ଦେଇଛନ୍ତି ।

## ୨୨ ପଞ୍ଚାୟତକୁ ପୋଲିଂ ପାର୍ଟି ଗଲେ

# ବିଦ୍ରୋହୀଙ୍କ ପାଇଁ ଚିନ୍ତା ବଢ଼ୁଛି

- ନିର୍ବାଚନୀ ହିଂସାକୁ ନାପସନ୍ଦ କରୁଛନ୍ତି ଭୋଟର
- ୧୭ନଂ. ଜିଲା ପରିଷଦ ଜୋନ୍

ନୟାଗଡ଼ ଅଫିସ/ନୂଆଗାଁ, ୨୦।୨(ଡି.ଏନ୍.ଏ.)

ଉଦୟପୁର, ଖଣ୍ଡୁଗାଁ, ଗାତେରୀ, ଚାହାଳି, ଢ଼େଙ୍କେଣା, ଦୁର୍ଦ୍ଧୁରା, ନୂଆଗାଁ, ବଡ଼ଗୋଠ, ମହିପୁର, ମାଇଛେଳି ଓ ମାଳିସାହି ଆଦି୧୧ ପଞ୍ଚାୟତକୁ ନେଇ ନୟାଗଡ଼ ଜିଲା ନୂଆଗାଁ ବ୍ଲକର୧୭ ନଂ. ଜିଲାପରିଷଦ ଜୋନ୍ ଗଠିତ। ଏହି ଜୋନ୍‌ର ମହିପୁରରେ ଗତ ୧୩ ତାରିଖରେ ଘଟିଥିବା ନିର୍ବାଚନୀ ହିଂସା ଶାସକ ଦଳ ପାଇଁ ଘାତକ ସାଜିଛି। ଅନ୍ୟପକ୍ଷେ ଶାସକ ଦଳରେ ବିଦ୍ରୋହୀ ବିଜେଡି ପାଇଁ ଚିନ୍ତାର କାରଣ ପାଲଟିଛନ୍ତି। ପୁଣି ଦଶପଲ୍ଲା ବିଧାୟକ ରମେଶ ବେହେରା ପ୍ରଚାରକୁ ଗଲେ ଭୋଟ ବିଭାଜନ ହେବା ଚିନ୍ତାର କାରଣ ହୋଇଛି। ଏଠାରେ ପାର୍ବତୀ ମୁଦୁଲି, (ଭାଜପା), କଳ୍ପନା ଚମ୍ପତି (କଂଗ୍ରେସ), ପ୍ରତିମା ଦଳବେହେରା(ବିଜେଡି) ଓ ଲୋପାମୁଦ୍ରା ଦାଶ (ସ୍ୱାଧୀନ) ନିର୍ବାଚନ ଲଢ଼ୁଛନ୍ତି । ଲଢ଼େଇ ବିଜେଡି ଓ ଭାଜପା ମଧ୍ୟରେ ହେବ ବୋଲି ସୂଚନା ମିଳିଛି । ଏହି ଜୋନ୍‌ରେ ବିଜେଡିର ଭୋଟ ବ୍ୟାଙ୍କ ରହିଛି । ତେବେ ଭଲ ସଙ୍ଗଠନ ନାହିଁ। ନେତା ବାରମ୍ବାର ବଦଳୁ ଥିବାରୁ ସଙ୍ଗଠନ ଉପରେ ଭରସା ରହୁନି । ଏଠାର ଅଧିକାଂଶ ଭୋଟର ପ୍ରାର୍ଥୀ ଅପେକ୍ଷା ଦଳକୁ ଅଧିକ ପସନ୍ଦ କରନ୍ତି। ଦଳର ରାଜ୍ୟ ମୁଖିଆଙ୍କ ନାଁରେ ପ୍ରାର୍ଥୀମାନେ ଏଠାରେ ବାଜିମାତ କରନ୍ତି । ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏହି ଜୋନରେ ବାଟବଣା ହୋଇ ଯାଇଛି । ଆବାସ ଯୋଜନାରେ ଗରୀବ ଲୋକଟି ଘରଟିଏ ପାଉ ନାହିଁ। ରାଶନ କାର୍ଡ ପାଇବାକୁ ଯୋଗ୍ୟ ହିତାଧିକାରୀ ହୋଇଥିଲେ ହେଁ ଅଣଦେଖା କରାଯାଉଛି । ଭତ୍ତା ପାଇବା କାଠିକର ପାଠ । ଗାଁରେ ସର୍ବନିମ୍ନ ସୁବିଧା ମିଳୁନି । ସରକାର ବିଜେଡିର ଥାଇ ବି କର୍ମୀ,ସମର୍ଥକ ଅଣଦେଖା ହୋଇ ରହିଛନ୍ତି । ବିଧାୟକଙ୍କୁ ଅଭିଯୋଗ କଲେ ସୁଫଳ ମିଳୁନି । ବିଧାନସଭା ନିର୍ବାଚନ ସମୟରେ ବିଧାୟକଙ୍କୁ ଦେଖିବାକୁ ମିଳିଥିଲା । ଏବେ ପଞ୍ଚାୟତ ନିର୍ବାଚନ ସମୟରେ ବିଧାୟକଙ୍କୁ ଦେଖାମିଳିଲା। ବିଧାୟକଙ୍କ କର୍ମୀ ଓ ସମର୍ଥକଙ୍କୁ ଅଣଦେଖା ନେଇ ବିଭିନ୍ନ ସ୍ଥାନରେ ଅସନ୍ତୋଷ,ପ୍ରତିବାଦ ଦେଖାଦେଇଛି । ପୁଣି ସରପଞ୍ଚ,ସମିତି ସଭ୍ୟ ନିର୍ବାଚନରେ ନୂଆ ଓ ପୁରୁଣା ମଧ୍ୟରେ ଲଢ଼େଇ ଚାଲିଛି। ସରପଞ୍ଚ,ସମିତି ସଭ୍ୟ ଓ ୱାର୍ଡ ମେମ୍ବର ପ୍ରାର୍ଥୀମାନେ ନିଜ ପାଇଁ ଭୋଟ ମାଗି ଜିଲା ପରିଷଦ ସଭ୍ୟଙ୍କୁ ଭୋଟ ଦେବାପାଇଁ କହୁନାହାନ୍ତି। ପଚାରିଲେ କହୁଛନ୍ତି, ଆମକୁ ଭୋଟ ଦିଅ । ଜିଲା ପରିଷଦ ଭୋଟ ଆପଣଙ୍କ ପସନ୍ଦ ଲୋକଙ୍କୁ ଦିଅନ୍ତୁ । ଦଳୀୟ କନ୍ଦଳ ଯୋଗୁ ଭୋଟ ବିଭାଜନକୁ ରୋକି ହେଉନି । ଏନେଇ ମହିପୁରର ଜଣେ ଭୋଟର କହିଛନ୍ତି, ବିଧାୟକଙ୍କ ଯୋଗୁ ଶାସକଦଳରେ କନ୍ଦଳ ବଢ଼ି ଚାଲିଛି । ବିଧାୟକ ସବୁ ଜାଣି ଚୁପ୍ ରହିବା ବିରୋଧିଙ୍କୁ ଜିତିବା ସୁବିଧା କରାଉଛି । ଆମର ଭୋଟ ଥିଲେ ମଧ୍ୟ ପରାସ୍ତ ହେବାପରି ଲାଗିଲାଣି । ବିଧାୟକ ମଧ ଏହାର ପ୍ରତିକାର କରୁ ନାହାନ୍ତି । ଭାଜପାର ଜଣେ ସମର୍ଥକ କହିଛନ୍ତି, ବିଜେଡି କନ୍ଦଳ ଭାଜପାକୁ ଲାଭ ଦେଖାଉଛି । ହେଲେ ଭାଜପା ପ୍ରାର୍ଥୀ ଏହାର କେତେଦୂର ଫାଇଦା ନେଉଛନ୍ତି ଭୋଟ ଗଣତି ପରେ ତାହା ଜଣାପଡ଼ିବ ।

## ଭୋଟ ଗଣତି ଅପେକ୍ଷାରେ ଆଶାୟୀ ପ୍ରାର୍ଥୀ

ବୁଗୁଡ଼ା,୨୦।୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକରେ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କାଁ ଭାଁ ଗଣ୍ଡଗୋଳ ମଧ୍ୟରେ ସମାପନ ହୋଇଛି। ସକାଳ ୭ରୁ ଦିନ ୧ ଘଣ୍ଟା ପର୍ଯ୍ୟନ୍ତ ମତଦାନ କେନ୍ଦ୍ର ଗୁଡିକରେ ଭୋଟ ଗ୍ରହଣ ପ୍ରକ୍ରିୟା ଶେଷ କରିବା ପାଇଁ ସମୟ ନିର୍ଘଣ୍ଟ ନିଶ୍ଚିତ ହୋଇଥିଲା। ମତଦାନ କେନ୍ଦ୍ରଗୁଡିକ ମଧ୍ୟରେ ଭୋଟର ମନପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ତେବେ ପ୍ରାର୍ଥୀଙ୍କ ମଧ୍ୟରେ ହାରିବା କିମ୍ବା ଜିଣିବାକୁ ନେଇ ଏବେ ଅଙ୍କକଷା ଆରମ୍ଭ ହୋଇଛି। ତଥାପି ଜିତିବା ପାଇଁ ସବୁ ପ୍ରାର୍ଥୀ ଢେର ଆଶାୟୀ ଥିଲାବେଳେ ଭୋଟ ଗଣତି ଦିବସକୁ ଚାତକ ପକ୍ଷୀ ଭଳି ଅନାଇ ବସିଛନ୍ତି। ଆସନ୍ତା ୨୬ରୁ ଭୋଟ ଗଣତି ପ୍ରକ୍ରିୟା ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ୨୮ ତାରିଖ ସୁଦ୍ଧା ନିର୍ବାଚନ ଫଳାଫଳ ଘୋଷଣା ହେବ।

# ଭକ୍ତି ତରଙ୍ଗିଣୀ ରାଜ୍ୟପାଳଙ୍କୁ ପ୍ରଦାନ



ଭକ୍ତି ତରଙ୍ଗିଣୀ ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରାଯାଉଛି ।

ଖଣ୍ଡପଡ଼ା,୨୦।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର କବି ଗୌରବ ଯୁଗଳ କିଶୋର ବାରିକଙ୍କ ସ୍ୱଲିଖିତ ଭକ୍ତି ତରଙ୍ଗିଣୀ ପୁସ୍ତକକୁ ଗତ ୧୮ ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରାଯାଇଛି । ବାରିକ ରାଜ୍ୟପାଳଙ୍କୁ ରାଜଭବନରେ ସାକ୍ଷାତ କରି ତାଙ୍କ ପୁସ୍ତକଟିକୁ ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଲାଲ ବାରିକଙ୍କୁ ସମ୍ମାନିତ କରିବା ସହ ପ୍ରଶଂସା କରିଛନ୍ତି । ବାରିକ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କବିତା ରଚନା କରି ଆସୁଛନ୍ତି।

# ଭୋଟର ତାଲିକାରେ ନାଁ ନ ଥିବାରୁ ଉତ୍ତେଜନା

ପାରଳାଖେମୁଣ୍ଡି,୨୦।୨(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ ଜିରାଙ୍ଗ ପଞ୍ଚାୟତ ୯ ନଂ. ବୁଥ୍‌ରେ ମତଦାନ ବେଳେ ଉତ୍ତେଜନା ଦେଖାଦେଇଥିଲା। ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁ ଭୋଟର ତାଲିକାରେ ନ ଥିବା ଅଭିଯୋଗ ହୋଇଥିଲା। ଏଥିଲାଗି ଘାଟିତଳ ଗ୍ରାମର ଉତ୍ତ୍ୟକ୍ତ ଲୋକେ ମତଦାନ ପ୍ରକ୍ରିୟାକୁ ବନ୍ଦ କରି ଦେଇଥିଲେ। ଅନ୍ୟ ଗ୍ରାମବାସୀ ସେଠାକୁ ମତଦାନ କରିବାକୁ ଆସିଥିଲେ ମଧ ସେମାନଙ୍କୁ ଭୋଟ ଦେବା ପାଇଁ ଛାଡି ନ ଥିଲେ। ପୋଲିସ ଓ ବ୍ଲକ ନିର୍ବାଚନ ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ କିଛି ଘଣ୍ଟା ବିଳମ୍ବରେ ମତଦାନ ସ୍ୱାଭାବିକ ହୋଇଥିଲା।

# ୨୨ରେ ୧,୫୮୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

ନୟାଗଡ଼ ଅଫିସ,୨୦।୨

ରବିବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି। ମଙ୍ଗଳବାର ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଦଶପଲ୍ଲା ନିର୍ବାଚନମଣ୍ଡଳୀର ଗଣିଆ, ନୂଆଗାଁ ଓ ଦଶପଲ୍ଲା ଆଦି ୩ ବ୍ଲକରେ ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ରବିବାର ଉପରୋକ୍ତ ଅଞ୍ଚଳରେ ପ୍ରଚାର ଶେଷ ହୋଇଛି । ଗଣିଆ ବ୍ଲକରେ ରହିଛି ଗୋଟିଏ ଜିଲା ପରିଷଦ ଜୋନ୍‌ରେ ୮ ପଞ୍ଚାୟତ, ନୂଆଗାଁ ବ୍ଲକରେ ୨ ଜିଲା ପରିଷଦ ଜୋନ୍‌ରେ ୨୨ ପଞ୍ଚାୟତ ଓ ଦଶପଲ୍ଲା ବ୍ଲକର ୩ ଜିଲା ପରିଷଦ ଜୋନ୍‌ରେ ୨୦ ପଞ୍ଚାୟତ। ଉପରୋକ୍ତ ୬ ଜିଲା ପରିଷଦ ଜୋନ୍‌ରେ ୫୦ ପଞ୍ଚାୟତ ଅଧୀନ ୭୩୮ ୱାର୍ଡ ରହିଛି। ପ୍ରତି ୱାର୍ଡ ପାଇଁ ଗୋଟିଏ ଲେଖାଏ ବୁଥ୍ ହୋଇଥିବାରୁ ୭୩୮ବୁଥ୍‌ରେ ୧ ଲକ୍ଷ ୭୫ ହଜାର ୬୮୮ଭୋଟର, ୧୧୨୯ ୱାର୍ଡମେମ୍ବର, ୨୨୨ ସରପଞ୍ଚ, ୨୦୮ସମିତି ସଭ୍ୟ ଓ ୨୬ ଜିଲା ପରିଷଦ ସଭ୍ୟ ଏପରି ମୋଟରେ ୧,୫୮୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

ଦଶପଲ୍ଲା ବ୍ଲକରେ ୪୧୦ ୱାର୍ଡମେମ୍ବର, ୯୮ ସରପଞ୍ଚ, ୮୧ ସମିତି ସଭ୍ୟ, ୧୪ ଜିଲା ପରିଷଦ ପ୍ରାର୍ଥୀ, ନୂଆଗାଁ ବ୍ଲକରେ ୫୩୩ ୱାର୍ଡମେମ୍ବର, ୮୪ ସରପଞ୍ଚ, ୯୫ ସମିତି ସଭ୍ୟ, ୮ ଜିଲା ପରିଷଦ ପ୍ରାର୍ଥୀ ଓ ଗଣିଆ ବ୍ଲକରେ ୧୮୬ ୱାର୍ଡମେମ୍ବର, ୪୦ ସରପଞ୍ଚ, ୩୨ ସମିତି ସଭ୍ୟ, ୪ ଜିଲା ପରିଷଦ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ନୂଆଗାଁ ବ୍ଲକରେ ୩୪୩ ବୁଥ୍, ଗଣିଆ ବ୍ଲକରେ ୧୧୯ ବୁଥ୍ ଓ ଦଶପଲ୍ଲା ବ୍ଲକରେ ୨୭୬ ବୁଥ୍ ରହିଛି ।

ସେହିପରି ୮ ପଞ୍ଚାୟତକୁ ନେଇ ଗଣିଆ ବ୍ଲକର ୮ନଂ. ଜିଲା ପରିଷଦ ଜୋନ୍ ଗଠିତ । ଏହି ଜୋନ୍‌ରେ ଭୋଟରଙ୍କ ସଂଖ୍ୟା ୩୧ ହଜାର ୧୫୯ । ଜୋନ୍‌ର ଆଡ଼କଟା ପଞ୍ଚାୟତରେ ୩,୬୯୨ ଭୋଟର, କରଡ଼ାପଡ଼ା ପଞ୍ଚାୟତରେ ୨,୪୦୯ ଭୋଟର, କିଶୋର ପ୍ରସାଦ ପଞ୍ଚାୟତରେ ୬ ହଜାର ୩, ଗଣିଆ ପଞ୍ଚାୟତରେ ୨ ହଜାର ୨୯୩, ଛାମୁଣ୍ଡିଆ ପଞ୍ଚାୟତରେ ୫ ହଜାର ୭୩୦, ବଡ଼ସିଲିଙ୍ଗା ପଞ୍ଚାୟତରେ ୨ ହଜାର ୧୭୫, ବେଲପଡ଼ାପାଟଣା ପଞ୍ଚାୟତରେ ୪ ହଜାର ୬୧୯ ଓ ରାସଙ୍ଗ ପଞ୍ଚାୟତରେ ୪ ହଜାର ୨୩୮ଭୋଟର ଅଛନ୍ତି। ଏହି ଜୋନ୍‌ରେ ସୁଶାନ୍ତ କୁମାର ନାୟକ (ଭାଜପା), ଚିନ୍ମୟୀ ମହାଳିକ (କଂଗ୍ରେସ), ନରେଶ ବେହେରା (ବିଜେଡି), କୃପାସିନ୍ଧୁ ନାୟକ (ବହୁଜନ ସମାଜ ପାର୍ଟି) ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଦଶପଲ୍ଲା ବ୍ଲକରେ ରହିଛି ୯, ୧୦ ଓ ୧୧ ନଂ. ଜିଲା ପରିଷଦ ଜୋନ୍। ଏହାର ୯ନଂ. ଜୋନ୍‌ରେ ୨୦ ହଜାର ୪୮୩ ଭୋଟର ଅଛନ୍ତି । ଏହି ଜୋନ୍‌ର ବାଣୀଗୋଛା ପଞ୍ଚାୟତରେ ୨ ହଜାର ୯୦୯ ଭୋଟର, ଚଢ଼େୟାପଲ୍ଲୀ ପଞ୍ଚାୟତରେ ୩ ହଜାର ୯୦୨ ଭୋଟର, କଳସାଖମଣ ପଞ୍ଚାୟତରେ ୨ ହଜାର ୫୧୬, କୁଜାମେଣ୍ଢି ପଞ୍ଚାୟତରେ ୨ ହଜାର ୮୫୪, କୁଲୁରୁକୁମ୍ପା ପଞ୍ଚାୟତରେ ୨ ହଜାର ୯୬୨, ନୂଆଗାଁ ପଞ୍ଚାୟତରେ ୨ ହଜାର ୯୨୮, ଦୁଡା ପଞ୍ଚାୟତରେ ୨ ହଜାର ୪୧୨ ଭୋଟର ଅଛନ୍ତି। ଏଠାରେ ଗୋରେଖ କହଁର (ଭାଜପା), ସୁବାସ ଚନ୍ଦ୍ର ମଳିକ (କଂଗ୍ରେସ), ହରିଶ୍ଚନ୍ଦ୍ର ଜାନୀ (ବିଜେଡି) ପ୍ରାର୍ଥୀ ଅଛନ୍ତି। ୧୦ ନଂ. ଜୋନ୍‌ର ୭ ପଞ୍ଚାୟତରେ ୨୦ ହଜାର ୬୩ ଭୋଟର ଅଛନ୍ତି। ଏହାର ସରିଗଣ୍ଡା ପଞ୍ଚାୟତରେ ୪ ହଜାର ୨୯୪ ଭୋଟର, ଶିମିଳିସାହି ପଞ୍ଚାୟତରେ ୩ ହଜାର ୫୧୩, ତେଣ୍ଡାବାଡି ପଞ୍ଚାୟତରେ ୪ ହଜାର ୧୯୫, ପୋଖରୀଗୋଛା ପଞ୍ଚାୟତରେ ୧ ହଜାର ୭୬୧, ଭୋଗବାଡ଼ି ପଞ୍ଚାୟତରେ ୧ ହଜାର ୮୨୪, ତୁମାଣ୍ଡି ପଞ୍ଚାୟତରେ ୧ ହଜାର ୭୩୯, ଟାକେରା ପଞ୍ଚାୟତରେ ୨ ହଜାର ୭୩୭ ଭୋଟର ଅଛନ୍ତି। ଏଠାରେ ସଙ୍ଗୀତା କୁମାରୀ ନାୟକ (ଭାଜପା), ବନିତା ବେହେରା (କଂଗ୍ରେସ), ସତ୍ୟଭାମା ନାୟକ (ବିଜେଡି), ଲକ୍ଷ୍ମୀ ନାୟକ (ବହୁଜନ ସମାଜ ପାର୍ଟି) ଓ ମମତା ପ୍ରଧାନ (ସ୍ୱାଧୀନ) ନିର୍ବାଚନ ଲଢୁଛନ୍ତି ।

୧୧ନଂ. ଜୋନ୍‌ର ୫ ପଞ୍ଚାୟତରେ ୨୬ ହଜାର ୮୦୮ ଭୋଟର ଅଛନ୍ତି। ଏଠାର ଘୁଗୁଡ଼ିପଡ଼ା ପଞ୍ଚାୟତର ୩ ହଜାର ୮୧୯ ଭୋଟର, ଘୋଳାହାଣ୍ଡି ପଞ୍ଚାୟତରେ ୩ ହଜାର ୪୭୬, ମଧ୍ୟଖଣ୍ଡ ପଞ୍ଚାୟତରେ ୪ ହଜାର ୬୩୬, ନଛିପୁର ପଞ୍ଚାୟତରେ ୨ ହଜାର ୮୮୨, ଡିହଙ୍ଗା ପଞ୍ଚାୟତରେ ୫ ହଜାର ୮୦୦, ଖମାରସାହି ପଞ୍ଚାୟତରେ ୬ ହଜାର ୧୯୫ ଭୋଟର ଅଛନ୍ତି । ଏହି ଜୋନ୍‌ରେ ଦେବେନ୍ଦ୍ର କୁମାର ପ୍ରଧାନ (ଭାଜପା), ଅର୍ଜ୍ଜୁନ ପ୍ରଧାନ (କଂଗ୍ରେସ), ବସନ୍ତ କୁମାର ପ୍ରଧାନ (ବିଜେଡି) ଓ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଶରତ ଚନ୍ଦ୍ର ବେହେରା ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ନୂଆଗାଁ ବ୍ଲକର ୧୬ନଂ. ଜୋନ୍‌ର ୧୧ ପଞ୍ଚାୟତରେ ୩୭ ହଜାର ୭୨୯ ଭୋଟର ଅଛନ୍ତି। ଏଠାର ୧୬ନଂ. ଜୋନ୍ ବେରୁଆଁବାରୀ ପଞ୍ଚାୟତରେ ୪ ହଜାର ୪୭୧ ଭୋଟର, ଜାକେଡା ପଞ୍ଚାୟତରେ ୨ ହଜାର ୬, କାପ୍ତାପଲ୍ଲୀ ପଞ୍ଚାୟତରେ ୧ ହଜାର ୯୦୭, କୋରଡ଼ା ପଞ୍ଚାୟତରେ ୪ ହଜାର ୩୯, ବାହାଡ଼ାଖୋଲା ପଞ୍ଚାୟତରେ ୫ ହଜାର ୭୫୭, ସିଙ୍ଗାରପଲ୍ଲୀ ପଞ୍ଚାୟତରେ ୪ ହଜାର ୮୦୧, ପାରାଡ଼ିପି ପଞ୍ଚାୟତରେ ୩ ହଜାର ୧୮୧, ସିକ୍ରିଡା ପଞ୍ଚାୟତରେ ୨ ହଜାର ୪୬୮, ହରିପୁର ପଞ୍ଚାୟତରେ ୨ ହଜାର ୨୩୮, ଗୁମି ପଞ୍ଚାୟତରେ ୨ ହଜାର ୭୩୨, ସୋରଡ଼ା ପଞ୍ଚାୟତରେ ୪ ହଜାର ୧୨୯ ଭୋଟର ଅଛନ୍ତି। ଏହି ଜୋନ୍‌ରେ ସନ୍ଧ୍ୟାରାଣୀ ସେଠୀ (ଭାଜପା), ରଜନୀ ଦାସ (କଂଗ୍ରେସ), ଜସ୍ମିନ୍ ଦାସ (ବିଜେଡି) ଓ ରୀତା ନାୟକ (ବହୁଜନ ସମାଜ ପାର୍ଟି) ଲଢୁଛନ୍ତି । ୧୭ ନଂ. ଜୋନ୍‌ର ୧୧ ପଞ୍ଚାୟତରେ ୩୯ ହଜାର ୪୪୬ ଭୋଟର ଅଛନ୍ତି। ଏହି ଜୋନ୍‌ରେ ପାର୍ବତୀ ମୁଦୁଲି (ଭାଜପା), କଳ୍ପନା ଚମ୍ପତି (କଂଗ୍ରେସ), ପ୍ରତିମା ଦଳବେହେରା (ବିଜେଡି) ଓ ଲୋପାମୁଦ୍ରା ଦାଶ (ସ୍ୱାଧୀନ) ନିର୍ବାଚନ ଲଢୁଛନ୍ତି। ଏଠାରେ ଉଦୟପୁର ପଞ୍ଚାୟତରେ ୨ ହଜାର ୭୦୭, ଖଣ୍ଡୁଗାଁ ପଞ୍ଚାୟତରେ ୨ ହଜାର ୧୮୦, ଗାତେରୀ ପଞ୍ଚାୟତରେ ୨ ହଜାର ୫୪୪, ଚାହାଳି ପଞ୍ଚାୟତରେ ୨ ହଜାର ୫୩୭, ଢେଙ୍କେଣା ପଞ୍ଚାୟତରେ ୩ ହଜାର ୧୩୭, ଦୁର୍ଦ୍ଧୁରା ପଞ୍ଚାୟତରେ ୪ ହଜାର ୯୬୧, ନୂଆଗାଁ ପଞ୍ଚାୟତରେ ୩ ହଜାର ୮୦୬, ବଡ଼ଗୋଡ଼ ପଞ୍ଚାୟତରେ ୩ ହଜାର ୬୬୪, ମହୀପୁର ପଞ୍ଚାୟତରେ ୫ ହଜାର ୭୫, ମାଇଛେଳି ପଞ୍ଚାୟତରେ ୩ ହଜାର ୮୩୧, ମାଳିସାହି ପଞ୍ଚାୟତରେ ୫ ହଜାର ୪ ଭୋଟର ଅଛନ୍ତି ।

## ୩ ବ୍ଲକରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ



- ଦଶପଲ୍ଲା ନିର୍ବାଚନମଣ୍ଡଳୀର ୬ ଜୋନ୍